## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୭ଟା ।
- ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଆଲୋଚନା, ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ଓରାମ ସମାଜର ଜ୍ୟେଷ୍ଠ ଯାତ୍ରା

ରାଉରକେଲା ଅଫିସ,୨୨।୫: ରାଉରକେଲା ଉଦିତନଗର ସ୍ଥିତ ସାରନା ପୂଜାସ୍ଥଳରେ ରାଜୀବ ପାଢ଼ୀ ସାରନା ପ୍ରାର୍ଥନା ସଭା ଓଡିଶା ପ୍ରଦେଶ କମିଟି ଓରାମ ସମାଜ ପକ୍ଷରୁ ରବିବାର ଜ୍ୟେଷ୍ଠ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରନା ଧର୍ମଗୁରୁ ବନ୍ଦନ ଟିଗା ଓ କାମ୍ପଲେ ଓରାମ ଅତିଥି ଭାବେ ଯୋଗ ଦେଇ ଯାତ୍ରାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ସୂଚନା ଦେଇଥିଲେ। ସାରନା ପ୍ରାର୍ଥନା ସଭା ରାଉରକେଲାର ଅଧ୍ୟକ୍ଷ ମଣିଲାଲ କେର୍କେଟ୍ଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରୋହତାସ ଗଡରେ ରାଜୁତି କାଳରେ ବୀର ବୀରାଙ୍ଗନାମାନେ ଶତ୍ରୁମାନଙ୍କୁ ଯୁଦ୍ଧରେ ତିନିଥର ପରାସ୍ତ କରି ବିଜୟ ହାସଲ କରିଥିଲେ। ସେହି ବିଜୟ ସ୍ମୃତିରେ ଖୁସି ବ୍ୟକ୍ତ କରି ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସାଂସ୍କୃତିକ ଉତ୍ସବ ରୂପେ ଓରାମ ସମାଜର ଲୋକମାନେ ଏହି ପର୍ବକୁ ପାଳନ କରିଆସୁଛନ୍ତି ବୋଲି ଧର୍ମଗୁରୁ ଟିଗା କହିଥିଲେ। ଏହି ଉତ୍ସବରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ବହୁ ଓରାମ ସମାଜର ନୃତ୍ୟ କଳାକାରମାନେ ଯୋଗଦେଇ ଆଦିବାସୀ ପରମ୍ପରାର ନୃତ୍ୟ ଓ କଳା ପରିବେଷଣ କରିଥିଲେ। ପରେ ସମାଜ ପକ୍ଷରୁ ଧର୍ମଗୁରୁଙ୍କ ଉପସ୍ଥିତିରେ ସାମୂହିକ ନୃତ୍ୟ ଓ ଅନ୍ତିମ ପ୍ରାର୍ଥନା କରାଯାଇଥିଲା। କମିଟି ସମ୍ପାଦକ ଶୁଶିଲ କୁମାର ଲାକ୍ରା, ବୁଡୁ କେର୍କେଟ୍ଟା, ଜାଭଲୁ କୁଜୁର, ଝାରିଓ କେରକେଟ୍ଟା, ଧନେଶ୍ୱର ତିର୍କୀ, ମୀନା ତିର୍କୀ, ହେମନ୍ତ ମିଞ୍ଜ, ହେମା ଏକ୍କା, ବିଶ୍ରି ବାଢା, ମଙ୍ଗରାଜ ଖାଲକୋ ପ୍ରମୁଖ ସହଯୋଗ କରିଥିଲେ। ବିଲୁ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଲହୁଣୀପଡ଼ା ଡାକ୍ତରଖାନାର କିରାଣି ନିଲମ୍ବିତ

ଲହୁଣୀପଡ଼ା, ୨୨।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିରାଣି ଅମ୍ରିତ କିରୋଙ୍କୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିଲମ୍ବିତ କରିଛନ୍ତି। ସେ ୨୦୧୯ ମସିହାରେ ଲହୁଣୀପଡ଼ାରେ ଯୋଗଦେଇଥିଲେ। ଗତ ଛଅ ମାସ ହେଲା ସେ ସରସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଯାଇଛନ୍ତି। ତେବେ ଲହୁଣୀପଡା ଡାକ୍ତରଖାନାରେ କିରାଣି ଭାବେ ଚାକିରୀ କରୁଥିବାବେଳେ ବିଭିନ୍ନ ବିଭାଗର ଅର୍ଥ ହେରଫେର କରିଥିବା ଅଭିଯୋଗ ହେବା ଜାଣିବା ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି। କିନ୍ତୁ ଏହି ସରକାରୀ ଅର୍ଥ ହେରଫେର ଏକୁଟିଆ ସେ କରିଛନ୍ତି ନା ଅନ୍ୟ କେଉଁମାନେ ସମ୍ପୃକ୍ତି ଅଛନ୍ତି ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ଜଣାପଡ଼ିଛି।

# ତେଲ ଉପରେ ଜିଏସ୍‌ଟି ଲଗାଇବା ଜରୁରୀ: ଭାଜପା

ସମ୍ବଲପୁର,୨୨।୫(ବ୍ୟୁରୋ )


ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନେତାମାନେ ସୂଚନା ଦେଉଛନ୍ତି ।

ଆଜିଠାରୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଟିକସ ହ୍ରାସ ଯୋଗୁ ଉଭୟ ସାମଗ୍ରୀରେ ଦର କମିଯାଇଛି । ଏବେ ରାଜ୍ୟ ସରକାର ନେଉଥିବା ଟିକସ ହ୍ରାସ କରନ୍ତୁ । କେନ୍ଦ୍ର ଯେଭଳି ଭାବେ କମାଇଛି ଠିକ ସମ ପରିମାଣ ଦର କମ କରନ୍ତୁ । ଫଳରେ ରାଜ୍ୟବାସୀ ଲାଭ ପାଇ ପାରିବେ। ଦରଦାମ ବୃଦ୍ଧି ନେଇ ବିଜେଡି ଯେଭଳି ଆନ୍ଦୋଳନ କରୁଥିଲା ଏବେ ଦର କମ କରି ଉଦାହରଣ ସୃଷ୍ଟି କରୁ ବୋଲି କଚେରୀ ରୋଡ ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ କହିଛନ୍ତି। ରେଙ୍ଗାଲି ବିଧାୟକ ତଥା ଭାଜପା ଉପସଭାପତି ନାଉରୀ ନାଏକ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ,ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର , ପୂର୍ବତନ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ଉପସ୍ଥିତ ଥିଲେ। ସେମାନେ ଆହୁରି କହିଥିଲେ ଯେ, ଓଡିଶା ସମେତ କେତେକ ରାଜ୍ୟ ତେଲ ଦର ହ୍ରାସ କରିବା ପାଇଁ ଦାବି କରି ଆସୁଥିଲେ । ତେଣୁ କେନ୍ଦ୍ର ସରକାର ଟିକସ ହ୍ରାସ କରିଛନ୍ତି । ଏବେ ପେଟ୍ରୋଲ ୯ ଟଙ୍କା ୫୦ ପଇସା ଓ ଡିଜେଲ ୭ ଟଙ୍କା ହ୍ରାସ ପାଇବ। ସାଧାରଣ ଲୋକଙ୍କୁ ଏଥିରେ ଆଶ୍ୱସ୍ତି ମିଳିବ । ଏବେ ରାଜ୍ୟ ସରକାର ଟିକସ ହ୍ରାସ କଲେ ତେଲ ଦର ଆହୁରି କମିଯିବ। ସେହିପରି ଉଜ୍ଜଳା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ୨ ଶହ ଟଙ୍କା ସବ୍‌ସିଡି ମିଳିବ ବୋଲି କହିଥିଲେ। ତେଲ ଦର ଉପରେ ଜିଏସଟି ଲାଗୁ କରାଯିବା ନେଇ ପ୍ରଶ୍ନରେ କହିଥିଲେ ଯେ, କେନ୍ଦ୍ର ତେଲ ଉପରେ ଜିଏସଟି ଲାଗୁ କରିବାକୁ ପ୍ରୟାସ କରିଥିଲା । ପୂର୍ଣ୍ଣ ସମର୍ଥନ ନ ମିଳିବା ଓ କେତେକ ରାଜ୍ୟ ବିରୋଧ କରିବାରୁ ଲାଗୁ କରାଯାଇ ପାରିଲା ନାହିଁ । ଜିଏସଟି ଲାଗୁ କରିବା ପାଇଁ ଭାଜପା ଦାବି କରୁଛି ବୋଲି କହିଥିଲେ । ଏହାସହ ଅନ୍ୟ ସାମଗ୍ରୀର ଦର ବୃଦ୍ଧି ହୋଇଛି । ରାଜ୍ୟ ସରକାର ଚାହିଁଲେ ଉକ୍ତ ସାମଗ୍ରୀ ଦର ମଧ୍ୟ ହ୍ରାସ ପାଇବ ବୋଲି ନେତାମାନେ କହିଥିଲେ ।

# ପାୱାର ହିଟରକୁ ହରାଇଲା କିଲର

ଜମନକିରା, ୨୨।୫(ଡି.ଏନ.ଏ.)

### ବଡରମା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଆନୁକୂଲ୍ୟରେ ଷଣ୍ଢପଥର ଖେଳ ପଡ଼ିଆରେ ୨୦ତାରିଖରୁ ଆରମ୍ଭ ହୋଇଛି ବିପିଏଲ ବଡ଼ରମା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଡିକେ, ପାୱାର ହିଟର, କିଲର୍, ହଣ୍ଟର ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଉଦ୍‌ଘାଟନୀ ମ୍ୟାଚ ପାୱାର ହିଟର ଏବଂ କିଲର୍ ଦଳ ମଧ୍ୟରେ ଖେଳାଯାଇଥିଲା । ପାୱାର ହିଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୮୭ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଜବାବରେ କିଲର୍ ଦଳ ୨ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ରାହୁଲ ୨୩ ବଲରୁ ୫୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ପ୍ରଦୀପ କୁମାର ପ୍ରଧାନ ଏବଂ ଦେବାଶିଷ ଘଟୁଆଲ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଆଗାମୀ ଜୁନ ୧୨ତାରିଖରେ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ। ଟୁର୍ଣ୍ଣାମେଣ୍ଟକୁ ବଡରମା ପଞ୍ଚାୟତ ଯୁବକ ସଂଘ ପରିଚାଳନା କରୁଛନ୍ତି।

# କୁଚିଣ୍ଡାରେ ରାମମୋହନ ରାୟ ଜୟନ୍ତୀ


ଜୟନ୍ତୀ ଉତ୍ସବରେ ଅତିଥିମାନେ ।

କୁଚିଣ୍ଡା,୨୨।୫(ଡି.ଏନ.ଏ.)

ବିଶିଷ୍ଟ ସମାଜ ସଂସ୍କାରକ ରାଜା ରାମ ମୋହନ ରାୟଙ୍କ ଜୟନ୍ତୀ ରବିବାର ସମ୍ବଲପୁର ଜିଲା କୁଚିଣ୍ଡାରେ ପାଳିତ ହୋଇଯାଇଛି । ପୂଜ୍ୟପୂଜା ସଂସଦର ସ୍ୱେଚ୍ଛାସେବୀ ମନୀଷା ହଂସଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜା ରାମମୋହନ ଜଣେ ସମାଜ ସଂସ୍କାରକ ଭାବରେ ସତୀଦାହ ପ୍ରଥା, ବାଲ୍ୟ ବିବାହ ତଥା ଜାତି ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ନୂତନ ଭାରତ ଗଠନ ଲାଗି ଜନସଚେତନତା ସୃଷ୍ଟି କରିଥିଲେ। ସାମାଜିକ କର୍ମୀ ରଶ୍ମୀକାନ୍ତ ସାମଲ, କିଷାନ ସମାଜ ମହାଗୁଡ଼ି ସାଧାରଣ ସମ୍ପାଦକ ମନୋଜ କୁମାର ବାଘ, ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦର ଉପସଭାପତି ରମେଶ ପଧାନ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କ୍ଷେତ୍ର ପରିଦର୍ଶକ ଦିନେଶ କୁମାର ଭଞ୍ଜ, ଅନିଲ କୁସୁମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାମମୋହନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଖୋଲନା ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱେଚ୍ଛାସେବୀ କୁନ୍ତଳା କିଷାନ ଧନ୍ୟବାଦ ଦେଇଥିଲେ ।

# ହିଣ୍ଡାଲକୋ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର




ହିଣ୍ଡାଲକୋ ଆୟୋଜିତ ମେଗା ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି (ବାମ)। ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ସମ୍ବଲପୁର,୨୨।୫(ବ୍ୟୁରୋ)

### ୩୭୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ହିଣ୍ଡାଲକୋ ଆୟୋଜିତ ମେଗା ସ୍ୱାସ୍ଥ୍ୟ ଶିବିର ହୀରାକୁଦ ନିକଟସ୍ଥ ମହମ୍ମଦପୁର ହାଇସ୍କୁଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ହୀରାକୁଦ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ସ୍ମେଟର ଇଞ୍ଜିନିୟରିଂ ମୁଖ୍ୟ ଅରୁଣ କୁମାର ସିଂ, ପାୱାର ପ୍ଲାଣ୍ଟ ଅପରେଶନ ବିଭାଗର ନିମେଇ ମହାପାତ୍ର, ଏଫଆରପି ପ୍ଲାଣ୍ଟ ମାନବ ସମ୍ବଳ ମୁଖ୍ୟ ଶିବ ପାଢ଼ୀ, ଦୀପକ ମହାନ୍ତି, ଆଶିଷ ପାଣ୍ଡେ, ହିଣ୍ଡାଲକୋ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବ୍ରତ ଚାଟାର୍ଜୀ, ସ୍ତ୍ରୀରୋଗ ବିଶେଷଜ୍ଞ ଡା. ପଦ୍ମାଳୟା ମିଶ୍ର ଯୋଗ ଦେଇଥିଲେ । ସମ୍ବଲପୁର ହିଣ୍ଡାଲକୋ ମୁଖ୍ୟ କୈଳାସ ପାଣ୍ଡେଙ୍କ ମାର୍ଗଦର୍ଶନରେ ଶିବିର ହୋଇଥିଲା । କମ୍ପାନୀ ସବୁବେଳେ ହୀରାକୁଦ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେଉଛି । ଜନସାଧାରଣ ମେଗା ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ଧାରା ଆଗକୁ ମଧ ଜାରି ରହିବ । ଏଥିସହ ଅଞ୍ଚଳର ଶିକ୍ଷା ବିକାଶ ଦିଗରେ ମଧ କମ୍ପାନୀ ଭାଗୀଦାର ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଡୁଆ ଖଡିଆ, ନଟୁ ବିଶ୍ୱାଳ, ଅକୁର ତେଲେଙ୍ଗାନା, ପ୍ରମୋଦ ବିଶ୍ୱାଳ, କୁଞ୍ଜ ବନଛୋର, ଦୀପକ ଭୋଇ, କ୍ଷମାସାଗର ସାହୁ, ସୁରେନ୍ଦ୍ର ଚୌବେ, ସ୍କୁଲର ପ୍ରଧାନଶିକ୍ଷକ ଅନୀଲ ମିଶ୍ରଙ୍କ ସମେତ ବିଭିନ୍ନ ଗ୍ରାମର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଡା.ନେତ୍ରାନନ୍ଦ ଦୋରା, ଡା. ଦିଶା ଖାନ, ଡା. ଚନ୍ଦନ ମାରଣ୍ଡି , ଡା. ଅନିଲ ମୋହନ ମିଶ୍ର, ଡା. ପ୍ରଶାନ୍ତ ଦାଶ, ଡା.ଇପସିତା ପଣ୍ଡା, ଡା. ଚଞ୍ଚଳ ଗୋଏଙ୍କା ୩୭୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଥିଲେ । ସମସ୍ତ ରୋଗୀମାନଙ୍କୁ ଔଷଧ ମଧ ପ୍ରଦାନ କରାଯାଇଥିଲା ।

### ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା ଅଫିସ,୨୨।୫:

ଭାରତୀୟ ଯୁବ ହଷ୍ଟେଲ ଓ ରାଉରକେଲା କ୍ଲବର ମିଳିତ ଆନୁକୂଲ୍ୟରେ ୨୭ତମ ମୁକ୍ତ ରାଉରକେଲା ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଚିତ୍ତରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତରଣ ଦ୍ୱାରା ଲୋକମାନଙ୍କ ମଧ୍ୟରେ ମାନସିକ ସ୍ଥିରତା ଓ ସ୍ୱାସ୍ଥ୍ୟ ଠିକ୍ ରହିବ ବୋଲି ମୁଖ୍ୟ ଅତିଥି ସୂର୍ଯ୍ୟବଂଶୀ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଯୁବ ହଷ୍ଟେଲ ରାଉରକେଲା ଶାଖାର ଉପସଭାପତି ପ୍ରତାପ କୁମାର ସ୍ୱାଇଁ, ଭାରତ ଭୂଷଣ ମହାନ୍ତି, ବୁଦ୍ଧ ଦେବ ବାସୁ, କେ.କେ ବର୍ମା, ମାନସ ରଞ୍ଜନ ମହାରଣା ଉପସ୍ଥିତ ଥିଲେ। ରାଉରକେଲା କ୍ଲବ୍ ଗ୍ରୁପ୍‌ରେ ୩୦ ଜଣ ଓ ମୁକ୍ତ ସନ୍ତରଣ ପ୍ରତିଯୋଗିତାରେ ୭୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପୂର୍ବ ବତିଷ୍ଟଦା ଆଞ୍ଚଳିକ ଚଷା ସମାଜ ବୈଠକ


ବୈଠକରେ ଉପସ୍ଥିତ ଚଷା ସମାଜର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ

ଦେବଗଡ଼,୨୨।୫(ଡି.ଏନ.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମପଞ୍ଚାୟତ ସଦର ମହକୁମାରେ ରବିବାର ପୂର୍ବ ବତିଷ୍ଟଦା ଆଞ୍ଚଳିକ ଚଷା ସମାଜ ସୁବର୍ଣ୍ଣପାଲି (ଜୋନ୍-୧)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାର ସଭାପତି ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚଷା ସମାଜର କେନ୍ଦ୍ରୀୟ ସମ୍ପାଦକ ଚୂଡାମଣି ପ୍ରଧାନ ମୁଖ୍ୟ ଅତିଥି, କଣ୍ଢେଳ ଜୋନ୍ ସଭାପତି ଶଶୀଭୂଷଣ ସାହୁ, ସମ୍ପାଦକ ବିରଞ୍ଚି ବେହେରା ଓ କାଉଁଶିବାହାଲ ଜୋନ୍ ସଭାପତି ଅନିରୁଦ୍ଧ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜର ବିକାଶ ଏବଂ ସଂସ୍କାର ଉପରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ଗ୍ରାମର ଶତାଧିକ ସଦସ୍ୟ ଏବଂ କର୍ମକର୍ତ୍ତା ଯୋଗଦେଇ ସମାଜର ବିଭିନ୍ନ ଅଭାବ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏଗୁଡିକର ସମାଧାନ ନିମନ୍ତେ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଶେଷରେ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛେପିଲିପାଲି ଚଷା ସମାଜ ସଭାପତି ବାରୁ ଚରଣ ସ୍ୱାଇଁ ଓ ସମ୍ପାଦକ ସୁଶୀଲ କୁମାର ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

# ବିକାଶ ହସ୍ପିଟାଲରେ ଜଟିଳ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

ସମ୍ବଲପୁର,୨୨।୫(ବ୍ୟୁରୋ)



ସମ୍ବଲପୁର ବିକାଶ ହସ୍ପିଟାଲରେ ଡାକ୍ତର ଓ କର୍ମଚାରୀଙ୍କ ସହ ପଦ୍ମିନୀ ସିଂ ।

ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିକାଶ ହସ୍ପିଟାଲରେ ଜଣେ ମହିଳା ରୋଗୀଙ୍କ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି । ସୋନପୁର ଜିଲାରୁ ରେଫର ହୋଇ ପଦ୍ମିନୀ ସିଂ ଗତ ଏପ୍ରିଲ ୩୦ତାରିଖରେ ବିକାଶର ଜରୁରୀକାଳୀନ ବିଭାଗକୁ ଆସିଥିଲେ । ଅସ୍ତ୍ରୋପଚାର ପରେ ସେ ଏବେ ସୁସ୍ଥ ଅଛନ୍ତି । ସୂଚନାଯୋଗ୍ୟ ଯେ, ସୋନପୁର ଡାକ୍ତରଖାନାରେ ପଦ୍ମିନୀ ଦ୍ୱିତୀୟ ସନ୍ତାନ ପ୍ରସବ କରିଥିଲେ । କିନ୍ତୁ ଫୁଲ(ପ୍ଲାସେଣ୍ଟା)ର କିଛି ଅଂଶ ଭିତରେ ରହିଯାଇଥିଲା । ଏଣୁ ସଂକ୍ରମଣ ବଢ଼ି ଧୀରେ ଧୀରେ ପୁରା ଶରୀରକୁ ବ୍ୟାପି ଥିଲା । ଫଳରେ ଅଙ୍ଗଗୁଡିକ ଅଚଳ ହେବାରେ ଲାଗିଥିଲା । ଏକାଧିକ ଅଙ୍ଗ ଅଚଳ ହେବାରୁ ସେ କୋମାକୁ ଚାଲି ଯାଇଥିଲେ । ତେଣୁ ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା କରିବାକୁ ଡାକ୍ତର ନିଷ୍ପତ୍ତି ନେଇଥିଲେ । ଡା. ପୁଷ୍ପଲତା ଜେନା ଓ ଡା. ବିସ୍ମୟ ଷଡଙ୍ଗୀ ଅସ୍ତ୍ରୋପଚାର କରି ସଫଳ ହୋଇଥିଲେ । ଆଇସିୟୁରେ ଡା. କାଞ୍ଚନ ରାୟ ଓ ଡା. ସଞ୍ଜୟ ଭୋଇ ମଧ୍ୟ ପଦ୍ମିନୀଙ୍କ ଚିକିତ୍ସା କରିଥିଲେ । ଅସ୍ତ୍ରୋପଚାର ପରେ ତାଙ୍କ ଅବସ୍ଥାରେ ସୁଧାର ଆସିଥିଲା । ଗତ ମେ ୨୦ ତାରିଖ ଦିନ ପଦ୍ମିନୀ ସଂପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବା ସତ୍ତ୍ୱେ ବିକାଶ ଡାକ୍ତର ଓ କର୍ମଚାରୀଙ୍କ ଚିକିତ୍ସା ଯୋଗୁ ସୁସ୍ଥ ହୋଇଥିବା ପଦ୍ମିନୀ ଏକ ପ୍ରେସ ବିବୃତିରେ ବିକାଶ କର୍ତ୍ତୃପକ୍ଷ ଜଣାଇଛନ୍ତି।

# ୫ରୁ ଧାରଣା ଦେବ ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତି

ଦେବଗଡ଼,୨୨।୫(ଡି.ଏନ.ଏ.)

### ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦ

ଦେବଗଡ ପୌରାଞ୍ଚଳର ପ୍ରଧାନପାଟରେ ରବିବାର ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତିର ସ୍ଥାୟୀ ସଭାପତି ନେତ୍ରାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସେମାନଙ୍କ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିର ସମାଲୋଚନା କରାଯାଇଥିଲା। ଏଥିସହ ଆସନ୍ତା ଜୁନ୍ ୫ ତାରିଖରୁ ସୁରକ୍ଷା ସମିତି ପକ୍ଷରୁ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୂହ ଧାରଣା ଦିଆଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ସମୂହ ଗଣଧାରଣା ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୮ରେ ରେଙ୍ଗାଲି ବାସଚ୍ୟୁତମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତି, ଦେବଗଡ ଓ ପାଲଲହଡା ପକ୍ଷରୁ ଦେବଗଡ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୨ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏକମାସ ମଧ୍ୟରେ ଦାବି ପୂରଣ ନ ହେଲେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ହୋଇ ନ ଥିବାରୁ ସୁରକ୍ଷା ସମିତି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ବୈଠକରେ ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତିର ରଞ୍ଜନ କୁମାର ସାହୁ, ଚୌଧୁରୀ ବେହେରା, ଦିବ୍ୟ ଶଙ୍କର ଦ୍ୱିବେଦୀ ଓ କିଶୋର ଚନ୍ଦ୍ର ସାମଲଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ବାସଚ୍ୟୁତ ସମିତିର କର୍ମକର୍ତ୍ତା।

# ଜାତୀୟ ଶିଶୁ ତୀରନ୍ଦାଜି: ଓଡ଼ିଶା ଦଳରେ ଯୁଯୁମୁରାର ୩ ପ୍ରତିଯୋଗୀ




ସମ୍ବଲପୁର ଯୁଯୁମୁରାର ଖେଳାଳିମାନେ ।

ସମ୍ବଲପୁର ଅଫିସ,୨୨।୫(ବ୍ୟୁରୋ): ସୋମବାରଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଶିଶୁ ତୀରନ୍ଦାଜି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଓଡ଼ିଶା ଦଳରେ ସମ୍ବଲପୁର ଜିଲାରୁ ୩ ଜଣ ସ୍ଥାନ ପାଇଛନ୍ତି। ସମସ୍ତ ଖେଳାଳି ଯୁଯୁମୁରା ବ୍ଲକର ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାରେ ଓଡିଶା ପକ୍ଷରୁ ୧୫ ଜଣ ପ୍ରତିଯୋଗୀ ଭାଗ ନେବାକୁ ଥିବା ବେଳେ ଶିଶୁ ବିଭାଗରେ ଓଡିଶାର ୬ ଜଣଙ୍କ ମଧ୍ୟରୁ ୩ ଜଣ ସମ୍ବଲପୁର ଜିଲାର। ସେମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୨ ଭାଇ ଭଉଣୀ ଅନ୍ୱେଷା ଦେହୁରୀ ଓ ଅର୍ଣ୍ଣବ ଦେହୁରୀଙ୍କ ସହିତ ଖୁସବୁ ହସମୂର୍ତ୍ତି ସ୍ଥାନ ପାଇଛନ୍ତି। ଅନ୍ୱେଷା ଓ ଅର୍ଣ୍ଣବ ଯୁଯୁମୁରାର କିଶୋର ଦେହୁରୀଙ୍କ ଝିଅ ପୁଅ । ଯୁଯୁମୁରାର ମିତ୍ରଭାନୁ ମହାପାତ୍ର ଏମାନଙ୍କ ପ୍ରଶିକ୍ଷଣ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ମାନସ ରଞ୍ଜନ ମୁଣ୍ଡା ଉଭୟଙ୍କୁ ପ୍ରଶିକ୍ଷଣ ଦେବା ସହ ଗାଇଡ କରୁଛନ୍ତି। ଜୁନିୟର ଓ ସିନିୟର ଉଭୟ ଜାତୀୟ ତୀରନ୍ଦାଜି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଅନ୍ୟମାନେ ହେଲେ ସ୍ୱପ୍ନିଲ ପଣ୍ଡା, ରସାନନ୍ଦ ବିରୁଆ, ନାରାୟଣ ଜାନୀ, ଶ୍ରୀରାମ ହେମ୍ବ୍ରମ, ଦୀପକ ସେଠୀ,ସଞ୍ଜୟ ଗୁଣ୍ଟ, ସ୍ୱୋନଶ୍ରୀ ନାୟକ, ସାଇଲକ୍ଷ୍ମୀ ନାୟକ, ଜାଇନା ଇସଲାମ, ଆରତୀ ମୁଣ୍ଡା ଓ ପ୍ରଜ୍ଞା ଦଳେଇ।

**୩ ଜଣଙ୍କୁ ଉଠାଇ ନେଲା ସୁନ୍ଦରଗଡ଼ ପୋଲିସ**

ନୟାଗଡ଼ ଅଫିସ: ସୁନ୍ଦରଗଡ଼ରେ ଏକ ଟ୍ରକ ଚୋରି ଘଟଣାରେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ଇଟାମାଟିର ୩ଜଣ ବ୍ୟକ୍ତିଙ୍କୁ ସୁନ୍ଦରଗଡ଼ ପୋଲିସ ଇଟାମାଟି ଥାନା ପୋଲିସ ସହାୟତାରେ ରବିବାର ଉଠାଇ ନେଇଛି । ୨୦୨୧ରେ ଏକ ଟ୍ରକ୍ ଚୋରି ଘଟଣାରେ ଏହି ୩ ଜଣଙ୍କ ସଂପୃକ୍ତି ଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଗୁରୁତର

ନାକଟିଦେଉଳ,୨୨।୫(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବାଟଗାଁ ଫରେଷ୍ଟ ସେକ୍ସନର ଚଢ଼ଚଢ଼ି ଗ୍ରାମରେ ରବିବାର ଏକ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଜଣଙ୍କ ହେଲେ ଚଢ଼ଚଢ଼ି ଗ୍ରାମର ରମେଶ ପ୍ରଧାନ (୫୦)। ରମେଶ ବନବିଭାଗର ଦୈନିକ ଶ୍ରମିକ ଭାବେ ଜଙ୍ଗଲରେ କାମ କରୁଥିଲେ। ରବିବାର ସେ କାର୍ଯ୍ୟ ସାରି ଅପରାହ୍ଣ ସାଢେ ୧୨ ଟା ବେଳେ ଘରକୁ ଫେରୁଥିଲେ। ଏହି ସମୟରେ ଭାଲୁ ହାବୁଡରେ ପଡି ଯାଇଥିଲେ । ଭାଲୁ ଆକ୍ରମଣରେ ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗଛି । ରମେଶଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବା ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବାଟଗାଁ ଫରେଷ୍ଟର ଅନୀଲ କୁମାର କିସାନ କହିଛନ୍ତି।

### ୧୩୯ ବଣ୍ଡଲ କେନ୍ଦୁପତ୍ର ସହ ଗାଡ଼ି ଜବତ

ନାକଟିଦେଉଳ,୨୨।୫(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ପକ୍ଷରୁ ଶନିବାର ରାତିରେ ଚଢ଼ାଉ କରାଯାଇ ୧୩୯ ବଣ୍ଡଲ ଚୋରା କେନ୍ଦୁପତ୍ର ଜବତ ହୋଇଛି । ଚେରା କେନ୍ଦ୍ରପତ୍ରର ମୂଲ୍ୟ ୮୪ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଏକ ଟାଟା ଏସି ଗାଡ଼ି (ନଂ.ଓଡ଼ି୧୫ପି ୧୧୮୫)ରେ ଏହି କେନ୍ଦ୍ରପତ୍ର ଚୋରାଚାଲାଣ ହେଉଥିବା ଖବରପାଇ ଚଢ଼ାଉ କରାଯାଇଥିଲା । ଉକ୍ତ ଗାଡି ଜବତ ହୋଇଛି । ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ବନ୍ଧ, ଫରେଷ୍ଟର ସୁଜିତ କୁମାର ପ୍ରଧାନ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ ।

### ପାଇଖାନା ଏବେ କାଠ ଗୋଦାମ



ପଦ୍ମପୁର,୨୨।୫(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଛି। ଏହି ବ୍ଲକର ପ୍ରତି ଗାଁରେ ଶୋଭାପାଉଛି ବାହ୍ୟମଳମୁକ୍ତ ନାମଫଳକ। ମାତ୍ର ପ୍ରକୃତ ସ୍ଥିତି ଅନୁଧ୍ୟାନ କଲେ ଗାଁଗୁଡିକରେ ନିର୍ମାଣ ହୋଇଥିବା ପାଇଖାନାରୁ ପ୍ରାୟ ୯୦ ପ୍ରତିଶତ ଅବ୍ୟବହୃତ ଓ ଅଧାପନ୍ତରିଆ ହୋଇ ପଡିରହିଛି। ପାଇଖାନାକୁ ଜଳଯୋଗାଣ ବ୍ୟବସ୍ଥା ନାହିଁ। ଫଳରେ ଅଧିକାଂଶ ଭାଙ୍ଗିରୁଜି ଆବର୍ଜନାରେ ପରିଣତ ହୋଇଛି। ଠିକାଦାର ନିମ୍ନମାନର କାମ କରି ବିଲ୍ ଉଠାଇ ନେଇଥିବା ବେଳେ ଲୋକେ ପାଇଖାନାକୁ କାଠ ଗୋଦାମ, ଛେଳି ଗୁହାଳ, କୁକୁଡ଼ା ଘର କରିଥିବା ଦେଖିବାକୁ ମିଳିଛି।

# ୪୦ ପରିବାରକୁ ଗୋଟିଏ ନଳକୂପ

କୁତ୍ରା, ୨୨।୫(ଡି.ଏନ.ଏ.)



- ପାଣି ପାଇଁ ହନ୍ତସନ୍ତ ଡାହିଜିରା ବନ୍ଧପଡାବାସୀ
- ଲୋକେ ପିଉଛନ୍ତି ଗୋଳିଆ ପାଣି

ସୁନ୍ଦରଗଡ଼ ଜିଲାରେ ଖରାସାଙ୍ଗକୁ ବିଭିନ୍ନ ସ୍ଥାନରେ ଜଳାଭାବ ଉତ୍କଟ ଆକାର ଧାରଣ କରିଛି। ପାଣି ପାଇଁ ଲୋକେ ତହଲବିକଳ ହେଉଛନ୍ତି। କୁତ୍ରା ବ୍ଲକରେ ପାଣି ସମସ୍ୟା ଅଧିକ ରହିଛି। ପାଣି ଟୋପାଏ ପାଇଁ ହନ୍ତସନ୍ତ ହେବାକୁ ପଡୁଛି କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ବନ୍ଧପଡାବାସୀଙ୍କୁ। ସରକାର ଘରକୁ ଘର ପାଣି ସଂଯୋଗ କରିବା ସହିତ ଲୋକଙ୍କ ଜଳକଷ୍ଟ ଦୂର କରିବା ପାଇଁ କେତେ କଣ ଯୋଜନା ପ୍ରସ୍ତୁତ କରୁଛନ୍ତି କିନ୍ତୁ ତାହା ପ୍ରକୃତରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଦୃଷ୍ଟି ଦେବା ପାଇଁ କେହି ନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଡାହିଜିରା ବନ୍ଧପଡା ବାସୀ। ଏଠାରେ ପିଇବା ପାଣି ସମେତ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଏହି ପଡାରେ ପ୍ରାୟ ୪୦ଟି ପରିବାରର ୩ ଶହ ଲୋକ ବସବାସ କରୁଛନ୍ତି। ଏଠାରେ ଲୋକଙ୍କ ପିଇବା ସମେତ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ୩ ଟି ନଳକୂପ ରହିଥିବା ବେଳେ ଏଥିମଧ୍ୟରୁ ଗୋଟିଏ ନଳକୂପ ବର୍ଷ ବର୍ଷ ହେଲା ଅଚଳ ହୋଇପଡିଛି। ଅନ୍ୟ ଏକ ନଳକୂଅରୁ ମାଟି ମିଶା ନାଲି ରଙ୍ଗର ମଇଳା ପାଣି ବାହାରୁଛି। ଯାହା ବ୍ୟବହାର ଯୋଗ୍ୟ ନୁହେଁ।ଫଳରେ ଏହି ପଡାର ସମସ୍ତଙ୍କୁ ଗୋଟିଏ ମାତ୍ର ନଳକୂପ ଉପରେ ନିର୍ଭର ହେବାକୁ ପଡୁଛି। ହେଲେ ଏହି ପଡାରେ ଲୋକଙ୍କ ପିଇବା ପାଣି ସହ ଗାଧୋଇବା ତଥା ସମସ୍ତ ପ୍ରକାର ନିତିଦିନିଆ ବ୍ୟବହାର ପାଇଁ ଏହି ଗୋଟିଏ ନଳକୂପ ସାହା ଭରସା ହୋଇଥିବା ବେଳେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଲେ ଏହା ଯଥେଷ୍ଟ ନୁହେଁ। ଫଳରେ ଏହି ପଡାବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କିଛି ଲୋକଙ୍କୁ ପିଇବା ପାଣି ଆଣିବା ପାଇଁ ଏକ କିଲୋମିଟର ପର୍ଯ୍ୟନ୍ତ ଯିବାକୁ ପଡୁଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରିରହିଥିବାବେଳେ ଲୋକଙ୍କ ସମସ୍ୟା ଆହୁରି ଅସହ୍ୟ ହେଉଛି। ସରକାର ତଥା ପ୍ରଶାସନ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ପାଣିର ଆବଶ୍ୟକତା ପୂରଣ କରୁଥିବା କୁହାଯାଉଥିବା ବେଳେ ତାହାର କେତେ ଯଥାର୍ଥତା ରହିଛି ତାହାର ଚିତ୍ର ଦେଖିବାକୁ ମିଳୁଛି। ବନ୍ଧ ପଡାବାସୀ ଭୋଗୁଥିବା ଜଳର ସମସ୍ୟା ଦୂର କରିବା ପାଇଁ ଏଠାରେ ଶୀଘ୍ର ଜଳଯୋଗାଣ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ପଡାବାସୀଙ୍କ ପକ୍ଷରୁ ଦାବି ହେଉଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି



ଡିଆରଡିଏ ଛକରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ।

ସୁନ୍ଦରଗଡ଼,୨୨।୫(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ସୁନ୍ଦରଗଡ଼ ଜିଲା ରାଷ୍ଟ୍ରୀୟ ସ୍ୱୟଂ ସଂଘ ପକ୍ଷରୁ ଟାଙ୍ଗରପାଲି ବ୍ଲକ ମଙ୍ଗସପୁରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦ୍ୱାରିକାନାଥ କୁସୁମଙ୍କ ଜନ୍ମପୀଠରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସେଠାରୁ ଏକ ମୋଟର ସାଇକେଲ ରାଲିରେ ସ୍ୱୟଂ ସେବକମାନେ ଝାରସୁଗୁଡା ଅଭିମୁଖେ ଯାଇଥିଲେ। ଏଥିସହିତ ରାଜଗାଙ୍ଗପୁରରେ ସ୍ୱାଧୀନତା ସଂଗ୍ରାମୀ ମାଦ୍ରିକାଲୋଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି ଦେଇ ସ୍ୱୟଂ ସେବକମାନେ ବାଇକ୍ ରାଲିରେ ସୁନ୍ଦରଗଡ଼ ପର୍ଯ୍ୟନ୍ତ ଆସିଥିଲେ। ପରେ ସୁନ୍ଦରଗଡ଼ ଡିଆରଡିଏ ଛକଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ଜୁଏଲ ଓରାମ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଡ. ନାରାୟଣ ପଟେଲ, ବିଶାଲ ପଟେଲ ,ବିଜୟ କର୍ତ୍ତା, ରୂପେଶ ପଟେଲ, ସୁନୀଲ ନାଏକ, ଆଜୟ ପଟେଲ, ସ୍ମୃତିରଞ୍ଜନ ପଟେଲ, ପ୍ରଶାନ୍ତ ପଟେଲ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କଂଗ୍ରେସରେ ଯୋଗଦେଲେ ଶତାଧିକ କର୍ମୀ

**ବ୍ରଜରାଜନଗର ଉପନିର୍ବାଚନ**

ଝାରସୁଗୁଡା ଅଫିସ୍,୨୨।୫

ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର ଏବେ ଜୋର ଧରିଛି। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ରଣନୀତି ପ୍ରସ୍ତୁତ ଚାଲିଛି। ଏହି ସମୟରେ କର୍ମୀଙ୍କ ଦଳବଦଳ ପର୍ବ ଚାଲିଛି। ବ୍ରଜରାଜନଗର ଇଏସ୍ଆଇ ଛକସ୍ଥିତ କଂଗ୍ରେସ ନିର୍ବାଚନ କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବନ୍ଧବାହାଲ ଓ ଗାନ୍ଧୀଛକ ନୂଆଡିହି ଅଞ୍ଚଳର ଶତାଧିକ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟଦେବ ଜେନା, ଶରତ ପଟ୍ଟନାୟକ, ବିଧାୟକ ସନ୍ତୋଷ ସିଂହ ସାଲୁଜା, ରାଜନ ଏକ୍କା, ଜିଲା ସାଧାରଣ ସମ୍ପାଦକ ଜୀବନ ସାର୍ଥକ ଦାସ, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ସୁବ୍ରତ ପ୍ରଧାନ ଓ ବ୍ରଜରାଜନଗର ଟାଉନ୍ ସଭାପତି ପ୍ରଫୁଲ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଯୋଗଦାନ କରିଥିବା ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।



ଦଳୀୟ ନେତୃବୃନ୍ଦଙ୍କ ଗହଣରେ ଦଳରେ ଯୋଗଦାନ କରିଥିବା ନୂତନ କର୍ମୀମାନେ।

## ବୋଡେନରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗୁଳୁଗୁଳି

ବୋଡେନ,୨୨।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢିବାରେ ଲାଗିଛି। ଫଳରେ ଲୋକେ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବାହାରକୁ ବାହାରିବା ପାରୁନାହାନ୍ତି। ରାସ୍ତାଘାଟଗୁଡିକ ଜନସୁନ୍ୟ ହେବା ସହ ଦୋକାନ, ବଜାରଗୁଡିକ ମଧ୍ୟ ପ୍ରବଳ ଗୁଳଗୁଳି ଯୋଗୁ ବନ୍ଦ କରିବାକୁ ପଡୁଛି। ଏପରିକି ପ୍ରବଳ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟାସ୍ତ ହୋଇପଡୁଛି। ଟାଣ ଖରାରେ ପଶୁପକ୍ଷୀମାନେ ଜଙ୍ଗଲରୁ ପିଇବା ପାଣି ପାଇଁ ଗାଁ ନିକଟକୁ ଚାଲି ଆସୁଛନ୍ତି। ହେଲେ ନଦୀ, ନାଳ, ପୋଖରୀ ଆଦି ଶୁଖି ବସିଲାଣି। ତାପମାତ୍ରା ବୃଦ୍ଧି ହେବା ଯୋଗୁ ଜନସାଧାରଣ ତଥା ଜୀବଜନ୍ତୁମାନେ ଅସହ୍ୟ ଭୋଗିବାକୁ ପଡୁଛି।

## ରାଞ୍ଚିରୁ ୨ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୨୨।୫(ଡି.ଏନ୍.ଏ.)

**ଗ୍ରାହକ ହୋଇ ଆସି ହୋଟେଲରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା**

ସ୍ଥାନୀୟ ହୋଟେଲ ଜୟବିଜୟକୁ ଗ୍ରାହକ ଭାବେ ଆସି ଗତ ୧୬ ତାରିଖ ରାତିରେ କ୍ୟାଶ କାଉଣ୍ଟରରୁ ୧ଲକ୍ଷ ୪୦ ହଜାର ଟଙ୍କା ଚୋରିକରି ଫେରାର୍ ହୋଇଯାଇଥିବା ୨ଅଭିଯୁକ୍ତଙ୍କୁ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ରାଞ୍ଚିରୁ ଗିରଫ କରିଛି। ପୋଲିସ ସେମାନଙ୍କଠାରୁ ୭୦ ହଜାର ଟଙ୍କା ଉଦ୍ଧାର କରିଛି। ଗିରଫ ୨ଜଣ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଲୋୟର ବଜାର ଥାନା ଚର୍ଚ୍ଚ ରୋଡର ୱାକୁଆସ ଆଲମ ଓରଫ ଆବିୟାସ (୨୪) ଓ ହିମ୍ପିରି କୁର୍ବାନ ଛକର ଅରସାଦ ଖାନ ଓରଫ ବଣ୍ଟି (୨୮)। ଉଭୟ ଗତ ୧୫ ତାରିଖରେ ଆସି ଜୟବିଜୟ ହୋଟେଲରେ ଏକ ରୁମ୍ ବୁକ କରି ରହିଥିଲେ। ସେହିଦିନ ରାତି ପ୍ରାୟ ୨ଟା୧୮ରେ କେଶ କାଉଣ୍ଟରକୁ ଆସି ୧ଲକ୍ଷ ୪୦ ହଜାର ଟଙ୍କା ଧରି ଚମ୍ପଟ ମାରିଥିଲେ। ଏହା ପରେ ହୋଟେଲ ମାଲିକ ଶ୍ରୀକାନ୍ତ ତ୍ରିପାଠୀଙ୍କ ରିପୋର୍ଟରେ ଟାଉନ ଥାନା ପୋଲିସ କେଶ ନମ୍ବର ୧୮୯/୨୦୨୨ରେ ମାଲାରୁଜୁ କରିଥିଲା। ପୋଲିସ ହୋଟେଲର ସିସିଟିଭି ଫୁଟେଜ ଓ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ତଥା ଅନ୍ୟାନ୍ୟ ତଥ୍ୟ ଆଧାରରେ ସବଇନିସପେକ୍ଟର ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

# ପୂର୍ବଶତ୍ରୁତାରୁ ଗଣ୍ଡଗୋଳ: ୪ଗିରଫ

ଝାରସୁଗୁଡା ଅଫିସ୍,୨୨।୫



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଓ ଗିରଫ ଅଭିଯୁକ୍ତମାନେ।

**ଅଭିଯୁକ୍ତଙ୍କ ନିକଟରୁ ୨ବନ୍ଧୁକ, ୪ମୋବାଇଲ ଜବତ**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝାରସୁଗୁଡା ଜିଲା ଓରିଏଣ୍ଟ ଥାନା ଅଞ୍ଚଳରେ ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଝାରସୁଗୁଡା ସଦର ଥାନା ଏକ୍କାତାଲି ଗ୍ରାମର ନିକେତ ଜୟପୁରିଆ(୨୨)ଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଲଇକେରା ଥାନା ବାନ୍ଦଲି ଗ୍ରାମର ଯୁଧିଷ୍ଠିର ମହାନନ୍ଦ(୨୫), କୋଲାବିରା ଥାନା ସିଂଙ୍ଗିବାହାଲ ଗ୍ରାମର ଅନାଦି ରୋହିଦାସ(୩୦)ଓ ପାଇକପଡା ଗ୍ରାମର ଦେବାନନ୍ଦ କଉଡି(୨୯)। ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ବନ୍ଧୁକ ଓ ୪ମୋବାଇଲ୍ ଜବତ କରାଯାଇଛି। ରବିବାର ପୋଲିସ ସେମାନଙ୍କୁ ଝାରସୁଗୁଡା କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଶିକାର ହୋଇଥିବା କାଳିନଗରର ସରୋଜ ସ୍ୱାଇଁ(୧୯)ଙ୍କ ଅଭିଯୋଗକୁ ଭିତ୍ତିକରି ଓରିଏଣ୍ଟ ଥାନାରେ ଏକ ମାମଲା(ନଂ.୮୩/୨୨)ରୁଜୁ ହୋଇଛି। ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ରବିବାର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ଗତ ଶନିବାର ସ୍ଥାନୀୟ କବରପଡାସ୍ଥିତ ବନ୍ଧ ନିକଟକୁ ଅଭିଯୋଗକାରୀ ଯୁବକ ସରୋଜ ଯାଇଥିଲେ। ଏହି ସମୟରେ ସେଠାରେ ନିକେତ ଓ ତାଙ୍କ ସାଙ୍ଗମାନେ ପହଞ୍ଚି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରି ଦେବାପାଇଁ ଧମକ ଦେଇଥିଲେ। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ସାଙ୍ଗମାନଙ୍କୁ ଦେଖି ସରୋଜ ପାଟି କରିଥିଲେ। ସରୋଜଙ୍କ ସାଥୀମାନେ ସେଠାରେ ପହଞ୍ଚିବା ପରେ ନିକେତ ଓ ତାଙ୍କ ସାଙ୍ଗମାନେ ଖସି ପଳାଇ ଯାଇଥିଲେ। ଏ ନେଇ ସରୋଜ ଥାନାରେ ଅଭିଯୋଗ କଲାପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ମାରଣାସ୍ତ୍ର ସହ ଫେରାର୍ ଅଭିଯୁକ୍ତମାନଙ୍କୁ ଧରିଥିଲେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

ବୌଦ୍ଧ,୨୨।୫ (ସ୍ୱ.ପ୍ର.):

ବୌଦ୍ଧ ରାଜବାଟୀ ନିକଟରେ ଭଡାରେ ରହୁଥିବା ଜଣେ ବିବାହିତା ମହିଳା ରବିବାର ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ହେଲେ ନମିତା ମହାକୁଡ । ପ୍ରକାଶ ଯେ, ବୌଦ୍ଧ ବିଦ୍ୟୁତ୍ ବିଭାଗରେ ମେଣ୍ଟେନାନ୍ସ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ତପନ କୁମାର ମହାକୁଡ ଅଳ୍ପଦିନ ପୂର୍ବରୁ ବିବାହ କରି ପତ୍ନୀ ନମିତାଙ୍କ ସହିତ ବୌଦ୍ଧ ରାଜବାଟୀ ନିକଟରେ ଏକ ଭଡାଘରେ ରହୁଥିଲେ। ରବିବାର ତପନ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ନମିତାଙ୍କ ମୋବାଇଲରୁ ଏକ ମେସେଜ ଆସିଥିଲା । ଯେଉଁଥିରେ କି ସେ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣାଇଥିଲେ। ମୋବାଇଲରୁ ମେସେଜ ପଢି ତପନ ତରତର ହୋଇ ଘରେ ପହଞ୍ଚିବା ବେଳକୁ ଘର ଭିତର ପଟରୁ ବନ୍ଦ ରହିଥିଲା। ସେ ଝରକା ପଟେ ନମିତା ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଘରର କବାଟ ଖୋଲି ମୃତଦେହ ଜବତ କରିଥିଲା। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣାର ପ୍ରାଥମିକ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# କୋଇଲା ଉତ୍ପାଦନ, ରପ୍ତାନିରେ ଡୁଲଙ୍ଗା କୋଇଲା ଖଣିର ରେକର୍ଡ

ସୁନ୍ଦରଗଡ,୨୨।୫(ଡି.ଏନ.ଏ )





ଖବରଦାତା ସମ୍ମିଳନୀରେ ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପର ଅଧିକାରୀ।

ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ଦେଶରେ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଉତ୍ତୋଳନ ଓ ରପ୍ତାନୀ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଛି। ୨୦୨୧ବର୍ଷ ସବୁ କ୍ଷେତ୍ରରେ ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ପାଇଁ ଉତ୍ତମ ପ୍ରଦର୍ଶନ ରହିଥିଲା। ୨୦୨୨-୨୨ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପରୁ ୫.୨୯ ଏମ୍‌ଏମଟି କୋଇଲା ଉତ୍ପାଦନ କରି ଭାରତ ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟରୁ ଆଗରେ ରହିଛି ବୋଲି ପ୍ରକଳ୍ପର ମୁଖ୍ୟ ଜି.ଏମ ଶିବମ ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ପ୍ରକଳ୍ପର ପ୍ରଶାସନିକ ଭବନଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକଳ୍ପର ମୁଖ୍ୟ ଶ୍ରୀବାସ୍ତବ ଏବଂ ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପର ଅଗ୍ରଗତି, ପାରିପାର୍ଶ୍ୱିକ ଉନ୍ନୟନ, ପୁନର୍ବାସ ଓ ଥଇଥାନ ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ଖଣି ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏନ୍‌ଟିପିସି ଡୁଲଙ୍ଗା ଖଣି ଛ' ଥର ପୁରସ୍କୃତ ହୋଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟଙ୍କ ତତ୍ତ୍ୱାବଧାନରେ ଏମ୍‌ସିଏଲ ଦ୍ୱାରା ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷ ପୁରସ୍କାର ମଧ୍ୟରୁ ୬ଥର ପୁରସ୍କାର ଲାଭ କରିଛି। ସେହିପରି ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ମାଧ୍ୟମରେ ଏହି ପ୍ରକଳ୍ପ ପକ୍ଷରୁ ୧୪୬ ବିଦ୍ୟାଳୟର ଶୌଚାଳୟ ନବୀକରଣ, ପାଣି ଯୋଗାଇ, କାର୍ଯ୍ୟ ସହ ସୁରକ୍ଷା ଓ ସୁସ୍ଥ ପରିବେଶକୁ ପ୍ରାଥମିକତା ଦିଆଯାଉଥିବା ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ପୁର୍ନବାସ କଲୋନୀ ଓ ପାଶ୍ୱବର୍ତ୍ତୀ ଅଞ୍ଚଳରେ ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ସହ ଯୁବଗୋଷ୍ଠୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଥିଲେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ସେ ସୂଚନା ଦେଇଥିଲେ। ପ୍ରକଳ୍ପର ଏଜିଏମ ପଙ୍କଜ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏଜିଏମ୍ (ମାନବ ସମ୍ବଳ) ପ୍ରଗତି ଝା ଏହି ଖବରଦାତା ସମ୍ମିଳନୀକୁ ସଚାଳନ କରିଥିଲେ। ଏଜିଏମ ଉମେଶ ସିଂ, ଶ୍ରୀଧର ଜେନା, ଏସ.କେ ସାହୁ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବହିପଢ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପଦକ୍ଷେପ

ସୁନ୍ଦରଗଡ଼, ୨୨।୫(ଡି.ଏନ୍.ଏ.)



ପାଠାଗାରକୁ ଛାତ୍ରୀଛାତ୍ର ବହିପଢିବାକୁ ଆସିଛନ୍ତି।

- ସୁନ୍ଦରଗଡ଼ ବହିପଢ ଅଭିଯାନ
- ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ 'ପାଠାଗାର ପରିଦର୍ଶନ' କାର୍ଯ୍ୟକ୍ରମ

ସୁନ୍ଦରଗଡ଼ ଜିଲାର ଛାତ୍ରୀଛାତ୍ର ଯୁବପିଢି ଏବଂ ସାଧାରଣ ଲୋକଙ୍କ ଭିତରେ ବହି ପଢିବାର ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ 'ସୁନ୍ଦରଗଡ଼ ବହିପଢ ଅଭିଯାନକୁ ବ୍ୟାପକ କରାଯାଉଛି। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ 'ପାଠାଗାର ପରିଦର୍ଶନ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କ ମଧରେ ବହି ପଢିବାର ଅଭ୍ୟାସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ସପ୍ତାହର ପ୍ରତ୍ୟେକ ଶନିବାର ଜିଲାରେ ଥିବା ବିଭିନ୍ନ ସର୍ବସାଧାରଣ ପାଠାଗାରକୁ ପିଲାମାନେ ଯାଇ ବିଭିନ୍ନ ପ୍ରକାର ବହି ପଢିବାର ସୁଯୋଗ ପାଇବେ। ଏହି ଅଭିଯାନ ଅନ୍ତର୍ଗତ ଶନିବାର ସୁନ୍ଦରଗଡ଼ ଜିଲା ସଂସ୍କୃତି ଭବନ ପରିସରରେ ଥିବା ଜିଲା ପାଠାଗାର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପାଠାଗାରଠାରେ ବିଶେଷ କାର୍ଯ୍ୟକ୍ରମ କରାଯାଇଥିଲା। ରାଣୀ ବଗିଚା ୟୁପି ସ୍କୁଲ ଏବଂ ଧର୍ମଶାଳା ୟୁପି ସ୍କୁଲର ଛାତ୍ରୀଛାତ୍ର ସୂଚନା ଓ ଲୋକସମ୍ପର୍କ ବିଭାଗର ପାଠାଗାରକୁ ଆସିଥିଲେ। ସକାଳ ୭ଟାରୁ ପ୍ରାୟ ୧ଘଣ୍ଟା ଧରି ଛାତ୍ରୀଛାତ୍ର ପାଠାଗାରରେ ବସି ବିଶିଷ୍ଟ ଲେଖକମାନଙ୍କ ଦ୍ୱାରା ଲିଖିତ ପୁସ୍ତକ, ବିଭିନ୍ନ ଗପବହି ଆଦି ପଢିଥିଲେ। ଏହି ସମୟରେ ସମ୍ପୃକ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ପିଲାଙ୍କୁ ପୁସ୍ତକ ପଠନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ର ପାଠାଗାର ପରିଦର୍ଶନର ଅନୁଭୂତି ସମ୍ପର୍କରେ ଲେଖି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିବେ।

ସେହିପରି ଜିଲା ସଂସ୍କୃତି ଭବନ ପରିସରରେ ଥିବା ଜିଲା ପାଠାଗାରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ପତ୍ରାପାଲିସ୍ଥିତ ରଥ ନୋଡାଲ ୟୁପି ସ୍କୁଲ, ଲହୁରାଡିପାସ୍ଥିତ ୟୁପି ସ୍କୁଲ ଏବଂ ଡେଙ୍ଗିଭା ୟୁପି ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ବହି ପଢିଥିଲେ। ପାଠାଗାରକୁ ଆସି ଭଲ ଲାଗିଲା। ସାଙ୍ଗମାନଙ୍କ ସହିତ ବସି ଗପ ବହି ପଢ଼ିଲି। ତା'ଛଡ଼ା ବିଭିନ୍ନ ଲେଖକମାନଙ୍କ ବହି ଦେଖିଲି। ଏଣିକି ନିୟମିତ ପାଠାଗାରକୁ ଆସି ବହି ପଢିବି କହିଛନ୍ତି ରାଣୀବଗିଚା ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ଭଇଁସାଳ। ମୁଁ ଛାତ୍ରୀ ଥିବା ସମୟରେ ଏହି ପାଠାଗାରକୁ ଆସି ବିଭିନ୍ନ ବହି ପଢୁଥିଲି। ଆଜି ଅନେକ ବର୍ଷ ପରେ ପାଠାଗାରକୁ ଆସିଛି। ଏଠାରେ ବିଭିନ୍ନ ପ୍ରକାର ବହି ଦେଖି ଖୁସି ଲାଗୁଛି। ଏହାସହ ପାଠାଗାର ମଧ ନୂଆ ରୂପ ନେଇଛି। ତେଣୁ ଛାତ୍ରୀଛାତ୍ର ଏହି ପାଠାଗାରକୁ ଆସି ବହି ପଢିବାର ସୁଯୋଗ ନିଅନ୍ତୁ ବୋଲି ଧର୍ମଶାଳା ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପଟେଲ କହିଛନ୍ତି।

**ନଅଗାଁ(ଖ)ରେ ବାର୍ଷିକ ଦେବ ଯଜ୍ଞ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଇନ୍ଦରାପଡାରେ ବାର୍ଷିକ ଦେବଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଦପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ସୁରେଶ୍ୱର ବାନପ୍ରସ୍ଥି, ସହଯୋଗୀ କଂଗ୍ରେସ ବାନପ୍ରସ୍ଥି, ସାହେବ ଆର୍ଯ୍ୟ, କପିଳାସ ମହାକୁର ଯଜ୍ଞ ପରିଚଳନା କରିଥିଲେ। ନାଗର ହରପାଲ ଓ ଜୟନ୍ତୀ ହରପାଲ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

**ଲୋଇସିଂହା,୨୨।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ରୋଡ ନିକଟସ୍ଥ ଫଟାମୁଣ୍ଡାଠାରେ ରବିବାର ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ଗାଇସିଲାଟ ବ୍ଲକ ସାତଖଣ୍ଡି ଗ୍ରାମର ବନମାଳୀ ସାହୁ(୩୨)। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନମାଳୀ ବାଇକ(ଓଡି୧୭ଏସ ୭୭୯୧)ରେ ସାଲେଭାଟ ପଟକୁ ଯାଉଥିବାବେଳେ ସାମ୍ନା ପଟରୁ ଆସୁଥିବା ଟ୍ରକ(ସିଜି୦୪ଏଲଏସ୮୩୮୯) ତାଙ୍କୁ ଧକ୍କା ଦେଇଥିଲା। ଆଗଲପୁର ଫାଣ୍ଡି ପୋଲିସ ଗୁରୁତର ଅବସ୍ଥାରେ ବନମାଳୀଙ୍କୁ ଉଦ୍ଧାର କରି ବଲାଙ୍ଗୀର ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଆଗଲପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକକୁ ଜବତ କରିଛଇ। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା (୧୫୫/୨୨) ରୁଜୁ ହୋଇଛି।

### କଟକ ବାରର ବିରୋଧକୁ ନିନ୍ଦା କଲେ ବିଧାୟକ

**ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

**ଲୋଇସିଂହା,୨୨।୫(ଡି.ଏନ.ଏ):** ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଉପରେ କେନ୍ଦ୍ର ଆଇନ ମନ୍ତ୍ରୀ କିରନ ରିଜୁଙ୍କ ମତ ରଖିଛନ୍ତି। ଏହାକୁ କଟକ ବାର ଆସୋସିଏସନ ବିରୋଧ କରିଛି। କଟକ ବାରର ଏପରି ବିରୋଧକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ନିନ୍ଦା କରିଛନ୍ତି। ଏକ ପ୍ରେସ ଇସ୍ତାହରରେ ସେ କହିଛନ୍ତି ଯେ, କଟକ ବାରର ଏପରି ବିରୋଧ ଓଡିଶାରେ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରିବ। ଦୀର୍ଘବର୍ଷର ଦାବି ପରେ କେନ୍ଦ୍ର ସରକାର ବେଞ୍ଚ ପ୍ରତିଷ୍ଠା ନେଇ ସବୁଜ ସଙ୍କେତ ଦେଇଛନ୍ତି। ଏଭଳି ସ୍ଥଳେ କଟକ ବାର ଆସୋସିଏଶନର ଏପରି ଆଭିମୁଖ୍ୟ ସ୍ପୃହଣୀୟ ନୁହେଁ ବୋଲି ସେ କହିଛନ୍ତି।

### ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ

**ଅମରପାଲି,୨୨।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁଝିରିଆପାଲି ପଞ୍ଚାୟତର ଖଇରମାଲ ୟୁପି ସ୍କୁଲ ସହକାରୀ ଶିକ୍ଷକ ସର୍ବାନନ୍ଦ ମହାକୁର(୩୬)ଙ୍କ ରବିବାର ସକାଳୁ



ହୃଦ୍‌ଘାତରେ ମୃତ୍ୟୁ ହୋଇ ଯାଇଛି। ସକାଳ ସେ ପରିସ୍ରା ପାଇଁ ଯାଇଥିବା ବେଳେ ସେଠାରେ ପଡିଯାଇ ଥିଲେ। ବିଛଣାକୁ ନ ଆସିବାରୁ କିଛି ସମୟ ପରେ ଘର ଲୋକେ ତାଙ୍କ ପାଖକୁ ଯାଇଥିଲେ। ତାଙ୍କୁ ତୁରନ୍ତ ସୋନପୁର ଡାକ୍ତରଖାନା ନିଆଯାଇ ଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିକ୍ଷକ ଜଣକ ବରଗଡ ଜିଲା ଭେଡେନ ଥାନା ଅନ୍ତର୍ଗତ କଣ୍ଟାପାଲି ଗ୍ରାମର। ସେ ଗତ ୧୧ତାରିଖରେ ଉଲୁଣ୍ଡାରେ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ ଉଲୁଣ୍ଡା ବ୍ଲକ ବିଶିପଡା ସ୍କୁଲରେ ଶିକ୍ଷକତା କରୁଛନ୍ତି।

# ୭ ବର୍ଷ ପରେ ବି ନ୍ୟାୟ ମିଳିନି

**ସ୍ନେହଲତା ଛତ୍ରିଆ ହତ୍ୟା ମାମଲା**

- କ୍ରାଇମବ୍ରାଞ୍ଚ ଫେଲ୍, ସିବିଆଇ ତଦନ୍ତ ଦାବି
- ସ୍ନେହଲତାଙ୍କୁ ନ୍ୟାୟ ନ ମିଳିବା ଯାଏ ଜାରି ରହିବ ଲଢେଇ

**ବଲାଙ୍ଗୀର ଅଫିସ,୨୨।୫**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସର୍ଗିପାଲି ଗାଁର ସ୍ନେହଲତା ଛତ୍ରିଆ (୧୫)ଙ୍କୁ ବୀଭତ୍ସ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାକୁ ଇତିମଧ୍ୟରେ ୭ ବର୍ଷ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ପରିବାରକୁ ନ୍ୟାୟ ମିଳିନାହିଁ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନିଆଯାଇଥିଲେ ମଧ୍ୟ ଦୀର୍ଘ ୭ ବର୍ଷ ପରେ ବି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ କ୍ରାଇମବ୍ରାଞ୍ଚ ଫେଲ ମାରିଛି। ଏଭଳିକି ଏହି ମାମଲାର ଚାର୍ଜଶିଟ୍ ମଧ୍ୟ ଦାଖଲ ହୋଇ ନାହିଁ।

୨୦୧୫ ମେ ୨୨ ତାରିଖରେ ସ୍ନେହଲତା ସର୍ଗିପାଲି ଗାଁ ନାଳକୁ ଗାଧୋଇ ଯିବାପରେ ଅପହୃତା ହୋଇଥିଲେ। ପରଦିନ ତାଙ୍କର ଉଲଗ୍ନ ଓ ବୀଭତ୍ସ ମୃତଦେହ ନାଳ ପାଖରେ ମିଳିଥିଲା। ତାଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘ ୭ ବର୍ଷ ହେଲା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି। ତେବେ ନ୍ୟାୟ ନ ମିଳିବାରୁ ଏହି ଘଟଣାର ସିବିଆଇ ତଦନ୍ତ ଦାବି ହେଉଛି। ପଶ୍ଚିମ ଓଡିଶା ମହିଳା ସଙ୍ଗଠନର ଏକ ଦଳ ରବିବାର ସର୍ଗିପାଲି ଗସ୍ତ କରି ସ୍ନେହଲତା ଛତ୍ରିଆଙ୍କ ଘରେ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଜି ପର୍ଯ୍ୟନ୍ତ ପୀଡିତାଙ୍କୁ ନ୍ୟାୟ ମିଳିପାରି ନ ଥିବାରୁ ସଙ୍ଗଠନ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ସ୍ନେହଲତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ କରିବା ପାଇଁ ସଙ୍ଗଠନ ସଦସ୍ୟାମାନେ ଶପଥ ନେଇଥିଲେ। ଏଥିସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦ, ସମ୍ପାଦିକା ସୁଷମା ବଏ, କାର୍ଯ୍ୟକାରୀ ସଦସ୍ୟ ଗୀତାଞ୍ଜଳି ବାଗ ପ୍ରମୁଖ ସାମିଲ ଥିଲେ।



ସ୍ନେହଲତା ଛତ୍ରିଆଙ୍କ ଘରେ ମହିଳା ସଙ୍ଗଠନର ଏକ ପ୍ରତିନିଧି ଦଳ।

# ତମନ୍ନା, ମୋନାଲିସାଙ୍କୁ ସ୍ୱର୍ଣ୍ଣ ପଦକ



ବଲାଙ୍ଗୀରରୀ କୃତୀ ଛାତ୍ରୀ ତମନ୍ନା ଓ ମୋନାଲିସାଙ୍କୁ ପୁରସ୍କୃତ କରାଯାଉଛି।

**ପୂର୍ବାଞ୍ଚଳ କରାଟେରେ ବଲାଙ୍ଗୀର ଜିଲାର ସଫଳତା**

**ବଲାଙ୍ଗୀର ଅଫିସ,୨୨।୫**

ଉତ୍କଳ କରାଟେ ସ୍କୁଲଠାରେ ଚାଲିଥିବା ଦ୍ୱିତୀୟ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା ୨୦୨୨ରେ ବଲାଙ୍ଗୀର କରାଟେ ସ୍କୁଲ ଛାତ୍ରୀ ତମନ୍ନା ମେହେର (୩୦କେଜି) କୁମିତିରେ ସ୍ୱର୍ଣ୍ଣ ଏବଂ ମୋନାଲିସା ବାରିକ (୪୫କେଜି) ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବ ଭାରତ କରାଟେ ସଂଘ ସଭାପତି ହାନସି ପ୍ରେମଜିତ ସେନ୍, ପୂର୍ବ ଭାରତ କରାଟେ ସଂଘ ସାଧାରଣ ସମ୍ପାଦକ ସିହାନ ପଙ୍କଜ କାମ୍ବଲି, ପୂର୍ବ ଭାରତ କରାଟେ ସଂଘ ବୈଷୟିକ ନିର୍ଦ୍ଦେଶକ ହାନସି ଡ. ହରିପ୍ରଶାଦ ପଟ୍ଟନାୟକ, ଓଡିଶା ରାଜ୍ଯ କରାଟେ ସଂଘର ଉପସଭାପତି ସନତ ନାୟକ ଏବଂ ସାଧାରଣ ସମ୍ପାଦକ ଗୌରୀ ମହାନ୍ତି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କୃତିତ୍ୱରେ ବଲାଙ୍ଗୀର ଜିଲା କରାଟେ ସଂଘ ସଭାପତି ବଳରାମ ସିଂ ଯାଦବ, ବରିଷ୍ଠ ପ୍ରଶିକ୍ଷକ ମାନୁଏଲ ନାଗ, ଉପସଭାପତି ସୁରେଶ ଚନ୍ଦ୍ର ଜାଲ, କୋଷାଧ୍ୟକ୍ଷ ସରୋଜକାନ୍ତ ବେହେରା ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ଜିଲାରୁ ସମ୍ପାଦକ ହୃଦୟ ଶବର ଓ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠଙ୍କ ତତ୍ତ୍ୱାବଧାନରେ ଖେଳାଳୀମାନେ ଭୁବନେଶ୍ୱରକୁ ଗସ୍ତ କରିଥିଲେ।

# ବଲାଙ୍ଗୀର ପ୍ରତିଯୋଗୀଙ୍କୁ ଶକ୍ତି ଉତ୍ତୋଳନରେ ସ୍ୱର୍ଣ୍ଣ

**ବଲାଙ୍ଗୀର ଅଫିସ,୨୨।୫**

ଛତିଶଗଡ ସ୍ପୋର୍ଟସ ପାୱାର ଲିଫ୍ଟିଂ ଆସୋସିଏସନ ଦ୍ୱାରା ଆୟୋଜିତ ୪୭ ତମ ସର୍ବ ଭାରତୀୟ ପ୍ରତିଯୋଗିତାରେ ବଲାଙ୍ଗୀରର ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ସହ ଗୋଟିଏ ରୌପ୍ୟ ପଦକ ଲାଭ କରିଛନ୍ତି। ଚାରିଦିନ ବ୍ୟାପୀ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୬୫୦ ଜଣ ପ୍ରତିଯୋଗୀ ଭାରତର ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିଲେ। ମାଷ୍ଟର ଗ୍ରୁପରେ ସୁଦାମ ବେହେରା (ଏମ୍-୩ ବର୍ଗରେ) ସର୍ବମୋଟ ୩୧୦ କେଜି ଓଜନ ଉଠାଇ ସ୍ୱର୍ଣ୍ଣ, ନେପାଳ ବାଗ (ଏମ୍-୧ ବର୍ଗରେ) ୩୫୦ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଓ ସିନିୟରରେ ରାମ ପ୍ରସାଦ ବିଶି ୪୩୭.୫ କେଜି ଓଜନ ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ଟିକ୍ରାପଡା ସ୍ଥିତ ବିଡିଜିଏ କ୍ଲବ୍‌ରେ ଅଭ୍ୟାସରତ ଏହି ତିନି ପ୍ରତିଯୋଗୀ ବଲାଙ୍ଗୀରରେ ପହଞ୍ଚିବା ପରେ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ସଞ୍ଜୟ ଶତପଥି, ଗୋପାଳ ସୁନା, ରୂପକ କୁମାର ବରାଳ ଓ ଅନ୍ୟ ସଭ୍ୟମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସର୍ବଭାରତୀୟ ପ୍ରତିଯୋଗିତାରେ ସଫଳତା ପାଇଥିବା ସୁଦାମ ବେହେରାଙ୍କ ବୟସ ୬୦ ବର୍ଷ ହୋଇଥିବା ବେଳେ ନେପାଳ ବାଗଙ୍କ ବୟସ ୫୦ ବର୍ଷ। ଶକ୍ତି ଉତ୍ତୋଳନ ଭଳି ପ୍ରତିଯୋଗିତାରେ ଏହି ବୟସରେ ସଫଳତା ହାସଲ କରିଥିବା ଏହି ପ୍ରତିଯୋଗିମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଇଛି।



ବିଡିଜିଏ କ୍ଲବ୍ ଠାରେ କୃତି ପ୍ରତିଯୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ହାଇକୋର୍ଟ ବାର୍ ଆସୋସିଏସନ ନିଷ୍ପତ୍ତିକୁ ନିନ୍ଦା କଲା ନାଗରିକ କମିଟି

**ବଲାଙ୍ଗୀର ଅଫିସ, ୨୨।୫**

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ହାଇକୋର୍ଟ ବାର୍ ଆସୋସିଏଶନର ଆଚରଣକୁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ନାଗରିକ କମିଟି ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନର ଆନ୍ଦୋଳନରେ ସବୁବେଳେ ସାମିଲ ହୋଇ ଆସିଛି। ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନ ହେବା ସଙ୍ଗେ ସଙ୍ଗେ ଏଠାରୁ ବିଭିନ୍ନ ପ୍ରତିଷ୍ଠାନ ଧୀରେ ଧୀରେ ସ୍ଥାନାନ୍ତରଣ କିମ୍ବା ବନ୍ଦ କରି ଦିଆଯାଉଛି। ତେଣୁ ଏହି ଆନ୍ଦୋଳନ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରାଜ୍ୟ ଆନ୍ଦୋଳନକୁ ଖୋରାକ ଯୋଗାଉଛି ବୋଲି ନାଗରିକ କମିଟିର ସଭାପତି ବେଲାରସିଂ ଭୋଇ ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଏକ ପ୍ରେସ ବିବୃତିରେ କହିଛନ୍ତି।

# ପ୍ରକୃତି, ଜଳ ସଞ୍ଚୟ ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣ



ସାଇକେଲରେ ଭାରତ ଭ୍ରମଣରେ ବାହାରିଥିବା ପଶ୍ଚିମବଙ୍ଗ ସିଲିଗୁଡିର ଯୁବକ।

**କୋକସରା,୨୨।୫(ଡି.ଏନ.ଏ.)**

ଖରା, ବର୍ଷା, ଶୀତକୁ ଖାତିର ନ କରି ଜଣେ ଯୁବକ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରକୃତି, ଜଳ ସଞ୍ଚୟ ବାର୍ତ୍ତା ନେଇ ସାଇକେଲ ଯୋଗେ ଭାରତ ଭ୍ରମଣରେ ବାହାରିଛନ୍ତି। ଆଉ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି। ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ସିଲିଗୁଡିର ଶ୍ୟାମ ବିଶ୍ୱାସ (୩୫)। ସେ ଗତ ୧ ମାର୍ଚ୍ଚ ୨୦୨୧ ସିଲିଗୁଡିରୁ ବାହାରି ଦୀର୍ଘ ୧ ବର୍ଷ ୨ ମାସ ୨୧ ଦିନ ପରେ କଳାହାଣ୍ଡି ଜିଲାରେ ପହଞ୍ଚିଛନ୍ତି। ଶ୍ୟାମ ବର୍ତ୍ତମାନ ସୁଦ୍ଧା ୨୦ଟି ରାଜ୍ୟକୁ ସାଇକେଲ ଯୋଗେ ଭ୍ରମଣ କରି ସାରିଥିବା ବେଳେ ଏବେ କଳାହାଣ୍ଡି ଜିଲା କୋକସରା ବ୍ଲକରେ ପହଞ୍ଚି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରୁଛନ୍ତି। ଲୋକେ ମଧ୍ୟ ତାଙ୍କୁ ସ୍ୱାଗତ କରିବା ସହ ସମର୍ଥନ କରୁଛନ୍ତି। ସେ ଭାରତ ଭ୍ରମଣ କରି ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ଏବଂ ଜଳ ସଞ୍ଚୟ ବାର୍ତ୍ତା ନେଇ ଗ୍ଲୋବାଲ ୱାର୍ମିଂ ବିରୋଧରେ ସଂଗ୍ରାମ କରିବା ପାଇଁ ଲୋକଙ୍କୁ ସଚେତନତା କରିବାର ଲକ୍ଷ୍ୟ ରଖିଛନ୍ତି।

# ଏକ ମାସ ପରେ ପୁଣି ମାଓବାଦୀ ପୋଷ୍ଟର

**ମ.ରାମପୁର,୨୨।୫(ଡି.ଏନ.ଏ.)**

କିଛି ଦିନର ନିରବତା ପରେ କଳହାଣ୍ଡି ଜିଲାରେ ମାଓବାଦୀ ସଙ୍ଗଠନ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। ଜିଲାର ମ. ରାମପୁର ୩ କି.ମି ଦୂରବର୍ତ୍ତୀ ଜାମବାହାଲି ଛକଠାରେ ରବିବାର ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ମ. ରାମପୁର ନିକଟ ତୁୟୁଙ୍ଗଠାରେ ଏକ ଘରୋଇ ଶିକ୍ଷାନୁଷ୍ଠାରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ବେଳ ପୋଲିସ ପ୍ରଶାସନ ଚୁପ ବସିଛି। କାର୍ଯାନୁଷ୍ଠାନ ନିଆଯାଉନି। ଗତ ମାସର ୨ଥର ମାଓବାଦୀ ଦ୍ୱାରା ପୋଷ୍ଟର ଲଗାଇ ସୂଚିତ କରାଯାଇଥିଲା। ଯଦି ପୋଲିସ ପ୍ରଶାସନ ବିହିତ କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରେ ତେବେ ଉକ୍ତ ଅନୁଷ୍ଠାନ ବିରୋଧରେ ଆକ୍ସନ ନିଆଯିବ ବୋଲି ଉକ୍ତ ପୋଷ୍ଟରରେ ଚେତାବନୀ ଦିଆଯାଇଛି। ଏ ନେଇ ଆଇଆଇସି ସଚ୍ଚିନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଏହି ପୋଷ୍ଟର ଉପରେ ପୋଲିସ ତଦନ୍ତ କରୁଛି ବୋଲି କହିଥିଲେ।



# ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ବୈଠକ

**ବଲାଙ୍ଗୀର ଅଫିସ,୨୨।୫**

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ବୈଠକ ଗାନ୍ଧୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ସଭାର ଏଜେଣ୍ଡା ଏବଂ ପୂର୍ବ ସଭାର ବିବରଣୀ ପଠନ ପରେ ଅନୁମୋଦନ କରାଯାଇଥିଲା। ପ୍ରାରମ୍ଭରେ ମଞ୍ଚ ପ୍ରତିଷ୍ଠାତା ସଭ୍ୟ ଅମରେନ୍ଦ୍ର ମିଶ୍ରଙ୍କ ବିୟୋଗରେ ଶୋକସଭା ହୋଇଥିଲା। ଆସନ୍ତା ୨୬ ଜୁନ୍‌ରେ ସାଧାରଣ ସଭା ଆୟୋଜନ ନିମନ୍ତେ ଆଲୋଚନା ହୋଇଥିଲା। ବଲାଙ୍ଗୀରର ବିଭିନ୍ନ ଅସୁବିଧାକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏବଂ ପୌରପାଳିକା ଅଧ୍ୟକ୍ଷାଙ୍କୁ ଭେଟିବା ପାଇଁ ସ୍ଥିର ହୋଇଥିଲା। ସାଧାରଣ ସଭାରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରି ବରିଷ୍ଠ ନାଗରିକଙ୍କ ସମସ୍ୟା ଉପସ୍ଥାପନ କରିବାକୁ ସିଦ୍ଧାନ୍ତ ହୋଇଥିଲା। ଅତିରିକ୍ତ ସାଧାରଣ ସମ୍ପାଦକ ସୁନୀଲ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ନରେନ୍ଦ୍ର କବାଟ, ପ୍ରଫୁଲ୍ଲ ସାହୁ ଓ ବିରଞ୍ଚି ହୋତା, ସୁଧାଂଶୁ ଦର୍ଜୀ, ପଦ୍ମଚରଣ ଆଚାର୍ଯ୍ୟ, ବିନୟ କୁମାର ମିଶ୍ର, ଅଶୋକ କୁମାର ମିଶ୍ର, ଇଂ ହରେକୃଷ୍ଣ ମେହେର, ନବୀନ କୁମାର ନନ୍ଦ, ଧନଞ୍ଜୟ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ଚିତ୍ତରଞ୍ଜନ ପଟେଲ, ଚୁଡେନ୍ଦ୍ର କୁମାର ବେହେରା, ପୀତବାସ ପଣ୍ଡା, ଗଜେନ୍ଦ୍ର ତ୍ରିଭୁବନ ଦାଶ, ପୂର୍ଣ୍ଣଚନ୍ଦ୍ର ମେହେର ଓ ନୀଳାଞ୍ଚଳ ଚିରଗୁନ ଉପସ୍ଥିତ ଥିଲେ।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**କର୍ଲାମୁଣ୍ଡ,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ହାଇସ୍କୁଲଠାରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ଼ କଟକ ଦ୍ୱାରା ପରିଚାଳିତ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ ଏବଂ ନୂତନ ସଭାପତି ଚୟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଉପସଭାପତି ବିଭୂତିଭୂଷଣ ସେଠ ଅଧ୍ୟକ୍ଷତା କରିଥିଲେ। ଜିଲା ଉପଦେଷ୍ଟା ଅଶୋକ କୁମାର ତ୍ରିପାଠୀ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ସଭାପତି ପଦବୀ ପାଇଁ ରୋହିତ କୁମାର ରଣା ଓ କ୍ଷୀରସାଗର ସାହୁ ମନୋନୟନପତ୍ର ଦାଖଲ କରିଥିଲେ। ପରେ କ୍ଷୀର ସାଗର ସାହୁ ମନୋନୟନ ପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ରୋହିତଙ୍କୁ ସଭାପତି ଭାବେ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ସଭାପତି ଥିବା ବସନ୍ତ ମିଶ୍ର ଅବସର ନେବା ପରେ ଏହି ପଦବୀ ଖାଲିଥିଲା। ସମ୍ପାଦକ ସୁଦର୍ଶନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଉଜ୍ଜ୍ୱଳ କୁମାର ସାହୁ ସଭା ପରିଚାଳନା କରିଥିଲେ। ସୋମନାଥ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।



ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଶିକ୍ଷକବୃନ୍ଦ।

# କୋକସରା ବ୍ଲକ ସାମ୍ବାଦିକ ସଂଘ ଗଠିତ

**କୋକସରା,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ରବିବାର କୋକସରା ବ୍ଲକ କାର୍ଯ୍ୟରତ ପ୍ରିଣ୍ଟ, ବୈଦ୍ୟୁତିକ, ୱେବ ମିଡ଼ିଆ ଖବରଦାତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ସୁଧାରାମ ସରାଫଙ୍କ ସଭାପତିତ୍ୱରେ ବ୍ଲକର ନୂତନ ସାମ୍ବାଦିକ ସଂଘ ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତି କ୍ରମେ କୋକସରା ବ୍ଲକ ଖବରଦାତା ସଂଘ ସଭାପତି ଭାବେ ଶରତ ଚନ୍ଦ୍ର ରାଉତ, ଉପସଭାପତି ଚକ୍ରଧର ବେଶ୍ରା, ସମ୍ପାଦକ ସନତ କୁମାର ପ୍ରଧାନୀ, ସହ ସମ୍ପାଦକ ହିରଣ୍ୟ ବେହେରା, କୋଷାଧ୍ୟକ୍ଷ ବିନୋଦ କୁମାର ପଟେଲ, ମିଡ଼ିଆ ସେଲ ପ୍ରଭାରି ଜଗଦୀଶ ନାଏକ, ସାଙ୍ଗଠାନିକ ସମ୍ପାଦକ ଦୁଷ୍ମନ୍ତ କୁମାର ପାଟଯୋଷୀଙ୍କୁ ମନୋନୀତ କରାଯାଇଛି। ସଂଘ ଉପଦେଷ୍ଟା ଭାବେ ସୁଧାରାମ ସରାଫ ଓ ଭଦ୍ରାଞ୍ଚଳ ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି। ଜଗା ପଟ୍ଟନାୟକ ବଂଶୀଧର ବେଶ୍ରା, ଦେବେନ୍ଦ୍ର ସାଗର, ତୁଳାରାମ ବେହେରା, ଧର୍ମେନ୍ଦ୍ର ଦାସ ପ୍ରମୁଖ ସଂଘ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# ମନ୍ଦିର ନିର୍ମାଣ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବାଉଁଶୁଣୀ,୨୨।୫(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ବ୍ରିଜ ଛକରେ କିରଣ ତ୍ରିପାଠୀଙ୍କ ଆହ୍ୱାନକ୍ରମେ ଗଧରଶିଳା ପୀଠରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଆରଏସଏସ କମ୍ପାନୀ ଦ୍ୱାରା ବାଘନଦୀରେ ହେଉଥିବା ବ୍ରିଜ ଯୋଗୁ ନିକଟରେ ଥିବା ପ୍ରାଚୀନ ଗଧରଶିଳା ଦେବୀଙ୍କ ପୀଠ ବିଲୀନ ହୋଇଯିବା ଆଶଙ୍କା ଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗଧରଶିଳା ଉନ୍ନୟନ କମିଟି ଗଠନ ସହ ଏହାର ସଭାପତି ଭାବରେ କିରଣ ତ୍ରିପାଠୀ ଓ ପ୍ରଶାନ୍ତ କର୍ଣ୍ଣଙ୍କୁ ସମ୍ପାଦକ ଭାବରେ ମନୋନୀତ କରାଯାଇଥିଲା। ନୂତନ ମନ୍ଦିର ନିର୍ମାଣ ପାଇଁ ଏଆରଏସଏସ ଅଧିକାରୀଙ୍କ ଦ୍ୱାରା ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ବୈଠକରେ ବାଉଁଶୁଣି ଗ୍ରାମ ପଞ୍ଚାୟତର ସରପଞ୍ଚ ଅଇଁଠୁ ମହାଲିକ, ଲଭ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଗୋପାଳ କ୍ରିଷ୍ଣା ଥପା, ଷ୍ଟାର କ୍ଲବ, କନ୍ଦର୍ପ ସେଠୀ, ସନ୍ତୋଷ ତ୍ରିପାଠୀ, କାହ୍ନୁଚରଣ ତ୍ରିପାଠୀ, ବେଣୁଧର ମେହେର, ଦିଲିପ ମେହେର ପ୍ରମୁଖ ଯୋଗ ଦେଇଥିଲେ।



# ସ୍ୱତନ୍ତ୍ର କୋସଳ ପ୍ରଦେଶ ଦାବିକୁ ବ୍ୟାପକ କରିବାକୁ ଆହ୍ୱାନ

**ବଲାଙ୍ଗୀର ଅଫିସ,୨୧।୫**

କୋସଲାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିକୁ ନେଇ ଉପକୂଳ ଓଡିଶାର ପ୍ରଶାସନ ଦୀର୍ଘ ୪ ଦଶନ୍ଧି ହେଲା ଖେଳ ଖେଳୁଛନ୍ତି। ରାଜନୈତିକ ଦଳମାନେ ଏହି ପ୍ରସଙ୍ଗକୁ ନେଇ କୁମ୍ଭୀର କାନ୍ଦଣା କରିବା ସହ କେବଳ ନୀଚ ରାଜନୀତି କରୁଛନ୍ତି। ବାସ୍ତବରେ କୋସଲାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ପ୍ରତି କାହାରି ଆନ୍ତରିକତା ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ପତ୍ରାଳାପ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସବୁଠାରୁ ଦୁଃଖଦାୟକ ବିଷୟ ଓଡିଶା ହାଇକୋର୍ଟ ବାର ଆସୋସିଏଶନ ଏହି ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିକୁ ବାରମ୍ବାର ବିରୋଧ କରିଆସୁଛି। ଏହା କେବଳ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗକୁ ନେଇ ନୁହେଁ। କୋସଲାଞ୍ଚଳର ସମସ୍ତ ବିକାଶଜନିତ କାର୍ଯ୍ୟକ୍ରମକୁ ବାରମ୍ବାର ଉପକୂଳ ଓଡିଶାରେ ବିରୋଧ କରାଯାଇଛି। ଆମ ଅଞ୍ଚଳର ଲୋକ ପ୍ରତିନିଧିମାନେ ମଧ୍ୟ କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ବାଚନିକ ମନ୍ତବ୍ୟ ରଖିବା ସହ ଏ ଅଞ୍ଚଳ ପ୍ରତି କରାଯାଉଥିବା ଉପେକ୍ଷା ବିରୋଧରେ ଲଢେଇ କରିବାକୁ ଆଗଭର ହେଉନାହାନ୍ତି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ଏ ଅଞ୍ଚଳର ମୁକ୍ତି ଓ ବିକାଶ ପାଇଁ ସ୍ୱଷ୍ଟ ସ୍ୱତନ୍ତ୍ର କୋସଲ ପ୍ରଦେଶ ଆନ୍ଦୋଳନକୁ ବିଫଳ କରିବା ପାଇଁ ଏ ଅଞ୍ଚଳର ରାଜନୈତିକ ନେତାମାନେ ହିଁ ସତତ ଚେଷ୍ଟିତ ରହୁଛନ୍ତି। ତେଣୁ ଆଜି ସମୟ ଆସିଛି ଏ ଅଂଚଳର ଜନ ସାଧାରଣ, ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ ସଙ୍ଗଠନମାନେ ସମସ୍ତେ ଆତ୍ମ ସମୀକ୍ଷା କରିବାର। ଏ କଥା ଦିବାଲୋକ ଭଳି ସ୍ୱଷ୍ଟ ଯେ ଓଡିଶାରୁ ଭିନ୍ନ ହୋଇ ସମ୍ବିଧାନର ଧାରା ଅନୁଯାୟୀ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ନ ହେଲା ଯାଏ ଏ ଅଞ୍ଚଳର ବିକାଶ ସମ୍ଭବ ନୁହେଁ ବୋଲି ମିଶ୍ର କହିଛନ୍ତି। ଆଜି ଯେଉଁମାନେ ଏ ଅଞ୍ଚଳର ପ୍ରକୃତ ବିକାଶ ଚାହାନ୍ତି ସେମାନେ ଛୋଟ ଛୋଟ ପ୍ରସଙ୍ଗରେ ବିଭାଜିତ ନ ହୋଇ ଏକ ବିଶାଳ ଓ ସଂଯୁକ୍ତ କୋସଲ ମୁକ୍ତି ଆନ୍ଦୋଳନ ନୂଆଁ ଢାଞ୍ଚାରେ ଗଢି ଏହାକୁ ଗତିଶୀଳ ଓ ଚୂଡାନ୍ତ ସ୍ତର ପର୍ଯ୍ୟନ୍ତ ନେବାକୁ ଆଗଭର ହୁଅନ୍ତୁ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହା ଛଡା କୋଶଳାଞ୍ଚଳର ବାର ଆସୋସିଏଶନ ଓ ଆଇନଜୀବୀମାନେ କେବଳ ହାଇକୋର୍ଟ ବେଞ୍ଚ ଦାବିରେ ନିଜକୁ ସୀମାବଦ୍ଧ ନ କରି ସ୍ୱତନ୍ତ୍ର କୋସଲ ପ୍ରଦେଶ ଆନ୍ଦୋଳନକୁ ସିଧାସଳଖ ନେତୃତ୍ୱ ଦେବାକୁ ମିଶ୍ର ଅନୁରୋଧ କରିଛନ୍ତି।

## ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ଗୁରୁତର

ପାଇକମାଲ,(ଡି.ଏନ.ଏ): କେନ୍ଦୁପତ୍ର ତୋଳିବା ପାଇଁ ରବିବାର ଭୋର୍ ସମୟରେ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିବାରୁ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ବରଗଡ ଜିଲା ପାଇକମାଲ ବ୍ଲକ ମୁନେଇକେଲ ଗ୍ରାମର ଭାମା ବରିହା(୬୧)। ତାଙ୍କୁ ପାଇକମାଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଖବର ପାଇ ପାଇକମାଲ ବିଜୁ ଯୁବ ଜନତାଦଳ ସଭାପତି ଗୌତମ ସିଂ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ବରିହା ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବୃଦ୍ଧାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

## ସଂକ୍ଷେପରେ

### ପାଇଖାନା ଏବେ କାଠ ଗୋଦାମ



ପଦ୍ମପୁର,୨୨।୫(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଛି। ଏହି ବ୍ଲକର ପ୍ରତି ଗାଁରେ ଶୋଭାପାଉଛି ବାହ୍ୟମଳମୁକ୍ତ ନାମଫଳକ। ମାତ୍ର ପ୍ରକୃତ ସ୍ଥିତି ଅନୁଧାନ କଲେ ଗାଁଗୁଡିକରେ ନିର୍ମାଣ ହୋଇଥିବା ପାଇଖାନାରୁ ପ୍ରାୟ ୯୦ ପ୍ରତିଶତ ଅବ୍ୟବହୃତ ଓ ଅଧାପନ୍ତରିଆ ହୋଇ ପଡିରହିଛି। ପାଇଖାନାକୁ ଜଳଯୋଗାଣ ବ୍ୟବସ୍ଥା ନାହିଁ। ଫଳରେ ଅଧିକାଂଶ ଭାଙ୍ଗିରୁଜି ଆବର୍ଜନାରେ ପରିଣତ ହୋଇଛି। ଠିକାଦାର ନିମ୍ନମାନର କାମ କରି ବିଲ୍ ଉଠାଇ ନେଇଥିବା ବେଳେ ଲୋକେ ପାଇଖାନାକୁ କାଠ ଗୋଦାମ, ଛେଳି ଗୁହାଳ, କୁକୁଡ଼ା ଘର କରିଥିବା ଦେଖିବାକୁ ମିଳିଛି।

### ଚେତାଶୂନ୍ୟ ହେଲେ ପରୀକ୍ଷକ

**ପ୍ରଚଣ୍ଡ ଗ୍ରୀଷ୍ମରେ ମାଟ୍ରିକ୍ ଖାତା ମୂଲ୍ୟାୟନ**

ସୋନପୁର,୨୨।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ ଅଗ୍ନି ବର୍ଷୁଛି। ତାତି ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ସୋନପୁର ସହରର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଛି। ଏଭଳି ସ୍ଥିତିରେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟାନ ଶନିବାରଠାରୁ ଆରମ୍ଭ ହୋଇଛି। ରବିବାର ପରୀକ୍ଷା ଖାତା ମୂଲ୍ୟାୟନ ସମୟରେ ସୋନପୁର ମହାରାଜା ହାଇସ୍କୁଲ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ ଜଣେ ପରୀକ୍ଷକ ବୀର କିଶୋର ପଣ୍ଡା(୫୦) ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଅଂଶୁଘାତ ଚିକିତ୍ସା କକ୍ଷରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିଛନ୍ତି। ପରୀକ୍ଷକ ପଣ୍ଡା ସୋନପୁର ବ୍ଲକ କର୍ଲାମୁହାଣ ହାଇସ୍କୁଲର ଶିକ୍ଷକ। ସେ ରବିବାର ପରୀକ୍ଷାର୍ଥୀଙ୍କ ଇତିହାସ ବିଷୟ ଖାତା ମୂଲ୍ୟାୟାନ କରୁଥିଲେ। ଏଥିନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷକଙ୍କ ଅଭିଯୋଗ ଅନୁଯାୟୀ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ ଏସି କିମ୍ବା କୁଲର ବ୍ୟବସ୍ଥା ନାହିଁ। ପଙ୍ଖା ଗୁଡିକ ଠିକ୍‌ଭାବେ ଚାଲୁନି। ପରୀକ୍ଷକ ଓ ସହ ପରୀକ୍ଷକମାନେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମୂଲ୍ୟାୟନ କେନ୍ଦ୍ରରେ ରହୁଛନ୍ତି। ତେଣୁ କେନ୍ଦ୍ରରେ କୁଲର ଓ ଥଣ୍ଡା ପିଇବା ପାଣିର ବ୍ୟବସ୍ଥା କରିବାକୁ ପରୀକ୍ଷକମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ସୋନପୁର ଏକ ଉତ୍ତପ୍ତ ସହର ହୋଇଥିବାରୁ ମୂଲ୍ୟାୟନ ସମୟରେ ପରିବର୍ତ୍ତନ ପାଇଁ ମଧ ଦାବି ହୋଇଛି। ସକାଳ ୯ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୂଲ୍ୟାୟନ ସମୟ ଧାର୍ଯ୍ୟ କରିବାକୁ ପରୀକ୍ଷକମାନେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

ବୌଦ୍ଧ,୨୨।୫ (ସ୍ୱ.ପ୍ର.): ବୌଦ୍ଧ ରାଜବାଟୀ ନିକଟରେ ଭଡାରେ ରହୁଥିବା ଜଣେ ବିବାହିତା ମହିଳା ରବିବାର ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ହେଲେ ନମିତା ମହାକୁଡ। ପ୍ରକାଶ ଯେ, ବୌଦ୍ଧ ବିଦ୍ୟୁତ୍ ବିଭାଗରେ ମେଣ୍ଟେନାନ୍ସ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ତପନ କୁମାର ମହାକୁଡ ଅଳ୍ପଦିନ ପୂର୍ବରୁ ବିବାହ କରି ପତ୍ନୀ ନମିତାଙ୍କ ସହିତ ବୌଦ୍ଧ ରାଜବାଟୀ ନିକଟରେ ଏକ ଭଡାଘରେ ରହୁଥିଲେ। ରବିବାର ତପନ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ନମିତାଙ୍କ ମୋବାଇଲରୁ ଏକ ମେସେଜ ଆସିଥିଲା। ଯେଉଁଥିରେ କି ସେ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣାଇଥିଲେ। ମୋବାଇଲରୁ ମେସେଜ ପଢି ତପନ ତରତର ହୋଇ ଘରେ ପହଞ୍ଚିବା ବେଳକୁ ଘର ଭିତର ପଟରୁ ବନ୍ଦ ରହିଥିଲା। ସେ ଝରକା ପଟେ ନମିତା ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଘରର କବାଟ ଖୋଲି ମୃତଦେହ ଜବତ କରିଥିଲା। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣାର ପ୍ରାଥମିକ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବିଦ୍ୟୁତ୍ ବିଲ୍‌ରେ ଉପଭୋକ୍ତାଙ୍କୁ ଶୋଷଣ

ପଦ୍ମପୁର,୨୨।୫(ଡି.ଏନ.ଏ)

- ■ ୟୁନିଟ ସ୍ଲାବ୍ ୫୦ ବଦଳରେ ୪୫
- ■ ମାସରେ ୩୦ ଦିନ ପରିବର୍ତ୍ତେ ୨୫ ଦିନରେ ବିଲ୍

ରାଜ୍ୟ ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବିତରଣ ଭାର ହସ୍ତାନ୍ତର କରିବା ପରେ ଏହି କମ୍ପାନୀ ବିଭିନ୍ନ ଆଳରେ ଉପଭୋକ୍ତାମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇ ଏଥିରେ ବିଫଳ ହୋଇଛି। ସେହିପରି ଅତିରିକ୍ତ ଅର୍ଥ ଚାପ ଦେଇ ଲୁଟ୍ କରାଯାଉଛି ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ ସ୍ଲାବ୍ ଥିବାବେଳେ ବିନା ସୂଚନାରେ ଏହାକୁ ପରିବର୍ତ୍ତନ କରାଯାଉଛି। ପ୍ରଥମ ୫୦ ୟୁନିଟ ବ୍ୟବହାର ପାଇଁ ଘରୋଇ ଉପଭୋକ୍ତା ୟୁନିଟ୍ ପିଛା ୩ ଟଙ୍କା, ୫୦ରୁ ୨୦୦ ୟୁନିଟ୍ ଯାଏ ୪.୮୦ ଟଙ୍କା, ୨୦୦ ରୁ ୪୦୦ ୟୁନିଟ ୫.୮୦ ଟଙ୍କା ଏବଂ ୪୦୦ରୁ ଅଧିକ ପାଇଁ ୟୁନିଟ ପିଛା ୬.୨୦ ଟଙ୍କା ଆଦାୟ କରିବା ନିୟମ ରହିଛି। ମାତ୍ର ଟାଟା ପାୱାର ଏହି ସ୍ଲାବ୍ ନିୟମଠାରୁ ଅଧିକ ଆଦାୟ କରୁଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ପ୍ରଥମ ସ୍ଲାବ ୧ରୁ ୫୦ ୟୁନିଟ୍ ହୋଇଥିବା ବେଳେ କମ୍ପାନୀ ଏହାକୁ ୧ରୁ ୪୫ ୟୁନିଟ୍‌ରେ ହିସାବ କରୁଛି। ଏଭଳି ଭାବେ ମୋଟ ୨୪୪ ୟୁନିଟ ବିଦ୍ୟୁତ୍ ବ୍ୟବହାର ପାଇଁ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ଶକ୍ତି ବିହାରର ବିଦ୍ୟୁତ୍ ଉପଭୋକ୍ତା ନବୀନ ସାହୁଙ୍କଠାରୁ ଅଧିକ ୭୪ ଟଙ୍କା ନିଆଯାଇଛି। ତାଙ୍କଠାରୁ ୩ ଟଙ୍କିଆ ସ୍ଲାବ୍‌ରେ ୫ ୟୁନିଟ ଓ ୪.୮୦ଟଙ୍କା ସ୍ଲାବରେ ୨୧ ୟୁନିଟ୍ ବିଦ୍ୟୁତ୍ ବାଦ ଦିଆଯାଇ ସର୍ବୋଚ୍ଚ ଦରରେ ହିସାବ କରାଯାଇଛି। ସେହିପରି ଉପଭୋକ୍ତାମାନେ ଇଲେକ୍ଟ୍ରି ଡ୍ୟୁଟି, ଫିକ୍ସଡ ଚାର୍ଜ ଓ ମିଟର ଭଡା ବାବଦରେ ମଧ ଟଙ୍କା ଦେଉଛନ୍ତି। ଅନ୍ୟପକ୍ଷେ ମାସରେ ୩୦ ଦିନ ପରିବର୍ତ୍ତେ ୨୫ ଦିନରେ ବିଲ୍ ଆସୁଛି। ଫଳରେ ୧୨ ମାସରେ ୧୨ଟି ବିଲ୍ ପରିବର୍ତ୍ତେ ଏକ ମାସର ଅଧିକ ବିଲ୍ ଆଦାୟ କରି ଅତିରିକ୍ତ ବିଦ୍ୟୁତ୍ ସେବା କର ନାମରେ ଉପଭୋକ୍ତାଙ୍କଠାରୁ ଅର୍ଥ ଆଦାୟ କରାଯାଉଛି। ଏ ସମ୍ପର୍କରେ ପଦ୍ମପୁର ବିଦ୍ୟୁତ୍ ବିଭାଗର ସେକ୍ସନ ଅଧିକାରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ କମ୍ପାନୀର ପଲିସି ଓ ଗାଇଡ୍‌ଲାଇନ ହିସାବରେ ବିଲ୍ ଆଦାୟ କରାଯାଉଥିବା ସେ କହିଥିଲେ।


Bill Period
12-04-2022to08-05-2022
Bill Days:27.0
No of Months:0.8914
Disconn.Dt:23-05-2022

Name&Addr:
NABIN SAHU

AT PS PADAMPUR, SHAKTIVIHAR
RAJBORASAMBAR
Mobile No:7873812323
Security.D:1916.0
Status:R(REGULAR)
Category:LT-DOM
Load MF PH
3.0KW 1.0 1

Meter No:LW620759
Meter Owner:SELF
Prev. MDI KW:0.0
Prev Rdg Dt:11-04-2022
Prev Bill Amt:258
Prst. MDI KW:2.52
Reading Month Status
112 Mar 2022 U
356 Apr 2022 U
Bill Units:244
Bill Basis:ACTUAL

ଉପଭୋକ୍ତାଙ୍କୁ ଦିଆଯାଇଥିବା ବିଦ୍ୟୁତ୍ ବିଲ୍‌ର ନକଲ।

# ଗାନ୍ଧୀ ପଡ଼ିଆରେ ଟର୍ଫ ଉଇକେଟ୍ ନିର୍ମାଣ ଆରମ୍ଭ



ଟର୍ଫ ଉଇକେଟ୍ ନିର୍ମାଣ ପାଇଁ ପଡିଆରେ ଅନୁଷ୍ଠିତ ଭୂମି ପୂଜନ କାର୍ଯ୍ୟକ୍ରମରେ ଅତିଥି ଓ କ୍ରୀଡାବିତ୍।

ସୋନପୁର,୨୨।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର କ୍ରିକେଟ୍ ଖେଳାଳିଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଗାନ୍ଧୀ ପଡିଆରେ କ୍ରିକେଟ୍ ମ୍ୟାଚ୍ ଓ ପ୍ରାକ୍ଟିସ ପାଇଁ ୨ଟି ଟର୍ଫ ଉଇକେଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘର ଅନୁରୋଧ କ୍ରମେ ଓଡିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ଟର୍ଫ ନିର୍ମାଣ ସହ ଓ ପଡିଆର ଉନ୍ନତିକରଣ କରୁଛି। ଓସିଏ ବୈଷୟିକ ଟିମ୍‌ଙ୍କ ଉପସ୍ଥିତିରେ ବୌଦ୍ଧ ଜିଲା ଚାରିଛକ ଅଞ୍ଚଳରୁ କଳା ରଙ୍ଗର ଚିକିଟା ମାଟି ଅଣା ଯାଇ ପିଚ୍ କାମ କରାଯାଉଛି। ରବିବାର ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ପଡିଆରେ ଭୂମି ପୂଜା ହୋଇଥିଲା। ମ୍ୟୁନିସିପାଲିଟି ଅଧକ୍ଷା ତାମସୀ ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ଗୀତାଞ୍ଜଳି ଦାନୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ସାହୁ, କଇରୁ ସ୍ୱାଇଁ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, କାଉନସିଲର ତଥା ଜିଲା କ୍ରୀଡା ସଂଘର ସମ୍ପାଦକ ପୀୟୁଷ କୁମାର ପଣ୍ଡା, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ରାଜକିଶୋର ରାଓ, ଜିଲା କ୍ରିକେଟ୍ ସଂଘର ସଭାପତି ରାମ ଶଙ୍କର ସାହୁ, ସମ୍ପାଦକ ପ୍ରଦୀପ କୁମାର ସେଠୀ, ସଂଘର କର୍ମକର୍ତ୍ତା ଓ ପ୍ରାକ୍ତନ କ୍ରିକେଟ୍ ଖେଳାଳି ଉପସ୍ଥିତ ଥିଲେ। ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ଗୁଡିକ ସାଧାରଣତଃ ଟର୍ଫ ଉଇକେଟ୍‌ରେ ହୋଇଥାଏ। ତେବେ ଜିଲାରେ କୌଣସିଠାରେ ଟର୍ଫ ଉଇକେଟ୍ ନ ଥିଲା। ଗାନ୍ଧୀ ପଡିଆରେ ପ୍ରତି ବର୍ଷ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରର ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକ ମେଟ୍ ଉଇକେଟ୍‌ରେ ହେଉଥିଲା। ଏବେ ଟର୍ଫ ଉଇକେଟ୍ ପାଇଁ ନିର୍ମାଣ ଆରମ୍ଭ ହେବା ପରେ କ୍ରିକେଟ୍ ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# କ୍ରିକେଟ ଟୁର୍ନାମେଣ୍ଟ: ଟ୍ରଫି ଫାଇଟର୍ ଚାମ୍ପିୟନ

ସିନାପାଲି,୨୨।୫(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ହାଇସ୍କୁଲ ଖେଳ ପଡ଼ିଆରେ ଗଣ୍ଡାବାହାଲି ଯୁବକମାନଙ୍କୁ ନେଇ ଚାଲିଥିବା ଜିପିଏଲ–୨ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଟାଇଛି। ଆୟୋଜିତ ଫାଇନଲ ମ୍ୟାଚ ରୋଏଲ ଷ୍ଟାଇକର୍ ଓ ଟ୍ରଫି ଫାଇଟର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରଫି ଫାଇଟର୍ ଅଧିନାୟକ ଘନଶ୍ୟାମ ମେହେର ଟଚ ଜିଣି ବୋଲିଂ କରିବା ନିଷ୍ପତ୍ତି ନେଇଥିଲେ। ରୋଏଲ ଷ୍ଟାଇକର୍ ନିର୍ଦ୍ଧାରିତ ୧୨ ଓଭର୍ ମ୍ୟାଚରେ ୯୪ ରନ ସଂଗ୍ରହ କରିଥିଲା। ବିପକ୍ଷରେ ଟ୍ରଫି ଫାଇଟର୍ ୧୧.୪ ଓଭରରେ ୭ ଉଇକେଟରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଉମେଶ ଓ ମ୍ୟାନ ଅଫ୍ ଦି ସିରିଜ ମୁନା ପାଇଥିବା ବେଳେ ଖେଳକୁ ଡୋଲେଶର ମେହେର ଓ ଜୟ ଭୋଇ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଡିସମ୍ବର ମେହେର ଓ ଆଶୀଷ ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ।

## ବୋଡେନରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗୁଳୁଗୁଳି

ବୋଡେନ,୨୨।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢିବାରେ ଲାଗିଛି। ଫଳରେ ଲୋକେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ବାହାରିବା ପାରୁନାହାନ୍ତି। ରାସ୍ତାଘାଟଗୁଡିକ ଜନସୁନ୍ୟ ହେବା ସହ ଦୋକାନ, ବଜାରଗୁଡିକ ମଧ୍ୟ ପ୍ରବଳ ଗୁଲଗୁଳି ଯୋଗୁ ବନ୍ଦ କରିବାକୁ ପଡୁଛି। ଏପରିକି ପ୍ରବଳ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟାସ୍ତ ହୋଇପଡୁଛି। ଟାଣ ଖରାରେ ପଶୁପକ୍ଷୀମାନେ ଜଙ୍ଗଲରୁ ପିଇବା ପାଣି ପାଇଁ ଗାଁ ନିକଟକୁ ଚାଲି ଆସୁଛନ୍ତି। ହେଲେ ନଦୀ, ନାଳ, ପୋଖରୀ ଆଦି ଶୁଖି ବସିଲାଣି। ତାପମାତ୍ରା ବୃଦ୍ଧି ହେବା ଯୋଗୁ ଜନସାଧାରଣ ତଥା ଜୀବଜନ୍ତୁମାନେ ଅସହ୍ୟ ଭୋଗିବାକୁ ପଡୁଛି।

# ମୋ ଖତ କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ମନ୍ତ୍ରୀ




କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

କେସିଙ୍ଗା,୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଗ୍ରୀଡ଼ ସବ ଷ୍ଟେଶନର ୨୨୦/୧୩୨ କେ.ଭି. ବିଦ୍ୟୁତ୍ ଉଚ୍ଚସମ୍ପନ୍ନ ଲୋକାର୍ପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏନ୍‌ଏସି ସଦଭାବନା ଗୃହ ଶନିବାର ସନ୍ଧ୍ୟାରେ ପରିଦର୍ଶନ କରିଥିଲେ। ଏହି ଉପଲକ୍ଷେ ଏନ୍‌ଏସି ମହିଳା ସ୍ୱୟଂ ସେବା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ମୋ ଖତ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ କେସିଙ୍ଗା ବିକାଶ ଓ ସମୃଦ୍ଧି କରିବା ସହିତ ସହରରେ ପାନୀୟଜଳ, ରାସ୍ତାଘାଟ ନିର୍ମାଣ, ଆଲୋକିକରଣ, ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ ଆଦି ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ମିଶ୍ରଙ୍କୁ ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ ଓ ନିର୍ବାହୀ ଅଧିକାରିଣୀ ମିସକିରଣ ବେହେରା ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ପୂର୍ବତନ ଅଧକ୍ଷ୍ୟା ଲଳିତା ନାଏକ, ଟାଉନ ସଭାପତି ରମେଶ ପଟ୍ଟନାୟକ, ଶିଲୁ ପରିଡା, ଉପାଧାକ୍ଷ୍ୟା ସରସ୍ୱତୀ ସାହା ପ୍ରମୁଖ ଯୋଗଦେଇଥିଲେ। ଶେଷରେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ମନ୍ତ୍ରୀ ପରିଦର୍ଶନ କରିଥିଲେ। ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ସହିତ ବ୍ଲକରେ ଠିକ ଭାବେ କାର୍ଯ୍ୟ କରିବା ସହିତ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହିତ ଆଲୋଚନା କରିବା ପାଇଁ ମନ୍ତ୍ରୀ କହିଥିଲେ।

# ହରିଶଙ୍କର ଝରଣା କୂଳ ସଫେଇ କଲା ସତ୍ୟସାଇ ସେବା ସମିତି



ହରିଶଙ୍କର ଝରଣା କୂଳକୁ ସତ୍ୟ ସାଇ ସେବା ସମିତି ସଦସ୍ୟମାନେ ସଫେଇ କରୁଛନ୍ତି।

ଖପ୍ରାଖୋଲ, ୨୨।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରର ଝରଣା କୂଳକୁ ସତ୍ୟ ସାଇ ସେବା ସମିତି ତରଫରୁ ରବିବାର ସଫେଇ କରାଯାଇଛି। ନିକଟରେ ଶେଷ ହୋଇଥିବା ବୈଶାଖ ମେଳା ଓ ହରିଶଙ୍କର ମହୋତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏଥିଯୋଗୁ ପୀଠ ଆଖପାଖ ଓ ଝରଣା ଅଳିଆ ଆବର୍ଜନାରେ ଭାରି ଯାଇଥିଲା। ସତ୍ୟସାଇ ସେବା ସମିତି ବଲାଙ୍ଗୀର ଜିଲା ଶାଖା ତରଫରୁ ଏହାକୁ ସଫେଇ କରାଯାଇଛି। ସଂଗଠନ ସଦସ୍ୟମାନେ ପ୍ରାୟ ଅଧକିମି ଝରଣା କୂଳ, ଏମଆଇ ରିଜର୍ଭର, ମନ୍ଦିର ପରିସର କୋଡ଼ି କୋଦାଲ, ଫାଉଡ ଧରି ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତି ବଲାଙ୍ଗୀର ଜିଲା ଶାଖା ସଭାପତି ମନୋଜ କୁମାର ମହାପାତ୍ର, ରାଜ୍ୟ ଉପସଭାପତି ରସରାଜ ଠାକୁର, ପ୍ରବୀଣ ଦାଶ, ପ୍ରଶାନ୍ତ ପାଢ଼ୀ, ସୁଶାନ୍ତ କୁମାର ପଧାନଙ୍କ ସମେତ ଜିଲାର ସମସ୍ତ ବ୍ଲକ ଶାଖାର ୨୫୦ରୁ ଊର୍ଦ୍ଧ୍ୱ ସେବା ସମିତି ସଦସ୍ୟ ଭାଗ ନେଇଥିଲେ।

## ବ୍ଲକ ସରପଞ୍ଚ ସଂଘର କାର୍ଯ୍ୟକାରିଣୀ ବୈଠକ

କୋକସରା,୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ରବିବାର କୋକସରା ବ୍ଲକ ସରପଞ୍ଚ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଘ ବ୍ଲକ ସଭାପତି ତଥା ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ଉପସଭାନେତ୍ରୀ ପୁଷ୍ପାଞ୍ଜଳି ନାଏକ, ସମ୍ପାଦକ ଇଶରାମ କୋଲଥିଆ, ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ, ତାଙ୍କ ପ୍ରତିନିଧି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଯୋଗଦାନ କରିଥିଲେ। ବୈଠକରେ ସରକାରଙ୍କ ଦ୍ୱାରା ଆସୁଥିବା ବିଭିନ୍ନ ଅନୁଦାନ ସଫଳ ବିନିଯୋଗ ସହ ପଞ୍ଚାୟତ ବିକାଶ ଉପରେ ସମସ୍ତେ ମତ ରଖିଥିଲେ। ପଞ୍ଚାୟତରେ ରହିଥିବା ଲୋକଙ୍କ ସମସ୍ୟା ପ୍ରଶାସନ ନଜରକୁ ଆଣି କିଭଳି ତାର ସମାଧାନ ହେବ ଓ ଲୋକ ଉପକୃତ ହେ ବେ ସେ ନେଇ କାର୍ଯ୍ୟ କରିବାକୁ ସଭାପତି କହିଥିଲେ। ପିଇଓ ସଂଘ ବ୍ଲକ ସଭାପତି ପୁରୁଷୋତ୍ତମ ମାଝି, ଅରବିନ୍ଦ ମେହେର, ନିରଞ୍ଜନ ସୁନାନୀ, ଗୌତମ ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଆନ୍ଦୋଳନ ପାଇଁ ଚାଷୀଙ୍କ ସଜବାଜ

ସୋହେଲା,୨୨।୫(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ଡାକବଙ୍ଗଳାଠାରେ ରବିବାର କୃଷକ ବିକାଶ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୃଷି ବୀମାରାଶି ପ୍ରଦାନରେ ବୀମା କମ୍ପାନୀର ଟାଳଟୁଳ ନୀତିକୁ ଚାଷୀମାନେ ବିରୋଧ କରିଥିଲେ। ସୋହେଲା ବ୍ଲକରେ ବେଆଇନ ଭାବେ ରିଜେକ୍ଟ ହୋଇଥିବା ସବୁ ବୀମା ପ୍ରସ୍ତାବ ପୁନଃ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ବୈଠକରେ ଆନ୍ଦୋଳନର ରୂପରେଖ ନିର୍ଦ୍ଧାରଣ ପାଇଁ ଚାଷୀନେତା ମାନ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେମଚନ୍ଦ୍ର ପଧାନ, କପିଲ ଥପା, ଲାଲ ପଧାନ, ଯୁଧିଷ୍ଠିର ନାୟକ, ମନ ମାଝୀ, ଅନ୍ତର୍ଯାମୀ ପାତ୍ର, ଯଶୋବନ୍ତ ଭୋଇ, ଚନ୍ଦ୍ରଶେଖର ପଧାନ, ଦୈତାରି ଭୋଇ, ମୁକେଶ ଅଗ୍ରୱାଲ, କାନ୍ତ ଗଡ଼ତିଆ, ବିରେନ ନାୟକ, ଲକ୍ଷଣ ପଧାନ, ନନ୍ଦି ଭୋଇଙ୍କ ସମେତ ସୋହେଲା ବ୍ଲକର ଶତାଧିକ ଚାଷୀ ବୈଠକରେ ଯୋଗଦାନ କରିଥିଲେ।



ବୈଠକରେ ଉପସ୍ଥିତ ଚାଷୀବୃନ୍ଦ।

# ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୪୨ ପ୍ରତିଯୋଗୀ

କୁନାଗଡ,୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ଠାରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବିଭାଗରେ ୨୦ଜଣ ଓ ବାଳିକା ବିଭାଗରେ ୨୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ବିଭାଗରେ ରଶ୍ମିତା ଶବର ଓ ବାଳକ ବିଭାଗରେ ମାନସ ନାୟକ ଦ୍ୱିମୁକଟ ହାସଲ କରି ଚାମ୍ପିୟନ ହୋଇଥିଲେ। ବାଳକ ବିଭାଗ ଡବଲ୍ସରେ ମାନବ ନାୟକ ଓ ଅଂଶୁମାନ ଭଣ୍ଡାରଘରିଆ ବିଜେତା ହୋଇଥିବାବେଳେ ସୁବ୍ରତ ପଟ୍ଟନାୟକ ଓ ମୋହିତ ବର୍ମା ଉପବିଜେତା ହୋଇଥିଲେ। ସେହିପରି ବାଳିକା ବିଭାଗରେ ରଶ୍ମିତା ଶବର ଓ ବିଶ୍ୱଲତା ସତନାମୀ ବିଜେତା ହୋଇଥିବାବେଳେ ଜଲି ପରାଭୋଇ ଓ ସୁଫଳା ଶବର ଉପବିଜେତା ହୋଇଥିଲେ। ବାଳକ ବିଭାଗ ସିଙ୍ଗଲ୍‌ରେ ମାନବ ନାୟକ ବିଜେତା ଓ ସୁବ୍ରତ ପଟ୍ଟନାୟକ ଉପବିଜେତା ହୋଇଥିଲେ। ସମସ୍ତ କୃତୀ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗୀତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ପିଆଇ କଲେଜ ରାଜନିତୀ ବିଜ୍ଞାନ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ୟାଡମିଣ୍ଟନ ଆସୋସିଏଶନ୍ କାର୍ଯ୍ୟକାରିଣୀ ସଭାପତି ସରୋଜ କୁମାର ପଣ୍ଡା, ସମ୍ପାଦକ ସମୀର କୁମାର ସାହୁ, ବିଭୁତି ଭୂଷଣ ପଣ୍ଡା, ମାନସ ରଞ୍ଜନ ସାହୁ, ଦିଲୀପ କୁମାର ପଣ୍ଡା, ସୁମନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଖେଳଗୁଡିକୁ ସମୀର କୁମାର ସାହୁ, ଉମେଶ ଜୈନ, ସୁମନ ପାଣିଗ୍ରାହୀ, ଜଲି ପରାଭୋଇ, ରଶ୍ମିତା ଶବର, ନିଖିଲ ପଟ୍ଟନାୟକ, ସ୍ମରଣ ଖମାରୀ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।